ବର୍ଷ-୨୬, ସଂଖ୍ୟା-୨୪୯
ଭୁବନେଶ୍ୱର
ସେପ୍ଟେମ୍ବର, ୧୫, ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 249
Bhubaneswar
September, 15, 2026, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat





ଭୁବନେଶ୍ୱର ବଡଗଡ ପୂଜା କମିଟି ପକ୍ଷରୁ ଗଣେଶ ପୂଜା।

## ଜଳିଗଲା ପୂଜାମଣ୍ଡପ

ସମ୍ବଲପୁର,୧୪।୯: ସମ୍ବଲପୁର ବୁାରାଜା ଠାରେ ଥିବା ଡେହେରିପାଲି ଗଣପତିଙ୍କ ପୂଜାମଣ୍ଡପରେ ଆଜି (ସୋମବାର) ରାତିରେ ହଠାତ୍ ଅଗ୍ନିକାଣ୍ଡ ଘଟି ସମଗ୍ର ମଣ୍ଡପଟି ପୋଡିଯାଇଛି। ତେବେ ରାତିରେ ମଣ୍ଡପ ନିକଟରେ ପ୍ରବଳ ଜନସମାଗମ ହୋଇଥିଲେ ମଧ୍ୟ କାହାରି ବିଶେଷ କ୍ଷୟକ୍ଷତି ହୋଇନାହିଁ।

ସୂଚନାନୁସାରେ, ରାତି ପ୍ରାୟ ସା ୮ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଆୟୋଜକ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ତୁରନ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ଦୂରକୁ ହଟାଇବାକୁ ସକ୍ଷମ ହୋଇଥିଲେ। ମଣ୍ଡପ ମଧ୍ୟରେ ପୂଜକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କର କେଣସି ବିଶେଷ କ୍ଷୟକ୍ଷତି ହୋଇନଥିଲା। ସୂଚନା ପାଇଁ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାଥମିକ ଅନୁସନ୍ଧାନରେ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି।

## ଆଜି ନୂଆଁଖାଇ

ଭୁବନେଶ୍ୱର,୧୪।୯: ରାତି ପାହିଲେ ଉତ୍ସବ ମୁଖର ହୋଇଉଠିବ ପଶ୍ଚିମ ଓଡିଶା । ଘରେ ଘରେ ପାଳନ ହେବ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ । ଚାଲିବ ପୂଜାର୍ଚ୍ଚନା, ସପରିବାର ଏକାଠି ବସି ନବାନ୍ନ ଭକ୍ଷଣ କରିବେ । ତା ସହ ଜମିବ ଲୋକସଂଗୀତ ଓ ନୃତ୍ୟର ଆସର । ଏଥିପାଇଁ ସମ୍ବଲପୁରରୁ ସୁନ୍ଦରଗଡ; ବଲାଙ୍ଗିରରୁ ବରଗଡ, ବୌଦ୍ଧରୁ କଳାହାଣ୍ଡି । ସବୁଠି ଚଳଚଞ୍ଚଳ ପରିବେଶ । ““ଅଥୟ ହେଲାଣି ମନ... ଅଧୀର ହେଲାଣି ପାଦ। ଢୋଲ୍-ନିଶାନ୍‌ର ତାଲେ ତାଲେ କାଲି ଦୁଲୁକିବ ପଶ୍ଚିମ ଓଡିଶା । ଡାଲଖାଇ-ରସରକେଲି ନାଚରେ ଝୁମି ଉଠିବ ପୂରପଲ୍ଲୀ । ରାତି ପାହିଲେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ । ସେଥିଲାଗି ସଜେଇ ହେଲାଣି ଘର, ସଜେଇ ହେଲାଣି ମନ୍ଦିର । ଜମିଲାଣି ପିଠା ପଣାର ଆସର । ବାହାରେ ରହୁଥିବା ଲୋକେ ଘରକୁ ବାହୁଡିଲେଣି, ବଜାର, ଲୁଗାଦୋକାନରେ ଭିଡ ଜମିଲାଣି । ନୂଆ ଲୁଗା ପିନ୍ଧି ଦେବଦେବୀ ଓ ଗୁରୁଜନଙ୍କ ଆଶୀର୍ବାଦ ନେଇ, ଏକାଠି ନବାନ୍ନ ଖାଇବେ ସପରିବାର । ରାଗରୁଷା ଭୁଲି ଭାଇଚାରାର ରଙ୍ଗରେ ରଙ୍ଗେଇ ହେବେ ସମସ୍ତେ । ଏଇ ଯେମିତି ବଲାଙ୍ଗୀର ଜିଲ୍ଲା ବେଲପଡା ଡାହିମାଲ ଓ ଜଳିଆ ଗାଁର ଲୋକେ । ବର୍ଷ ବର୍ଷ ଧରି ଏକାଠି ନୂଆଖାଇ ଆସୁଛନ୍ତି ପ୍ରାୟ ୧ ହଜାର ପରିବାରର ୫ ହଜାର ଲୋକ ।““ଆହୁରି ପ ?ନ୍ତୁ....ବ୍ରିକ୍ସ ସମ୍ମିଳନୀର ମହାମଞ୍ଚ ଡିନର ମେନ୍ୟୁକୁ ନେଇ ମହାଭାରତ““ବଲାଙ୍ଗୀର ଜିଲ୍ଲାରେ ନୂଆଖାଇ ପୂର୍ବ ସଂଧ୍ୟା ଅର୍ଥାତ ଆଜି ଗ୍ରାମଦେବା ଦେବୀ ନିକଟକୁ ଶୋଭାଯାତ୍ରାରେ ଯାଇଛି ନୂଆଧାନ, ପନିପରିବା,ଲୁଗାପଟା ।

### ଦିଶା ସାଲିଆନ ମୃତ୍ୟୁ ମାମଲା

## ସିବିଆଇ ଏଫଆଇଆରରେ ଉଦ୍ଧବ, ଆଦିତ୍ୟ ଠାକରେ ଓ ରିୟାଙ୍କ ନାଁ

ମୁମ୍ବାଇ,୧୪।୯ : ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତ୍ଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ନୂଆ ଟ୍ୱିଷ୍ଟ। ଦିଶାଙ୍କ ମୃତ୍ୟୁ ମାମଲାରେ ବିଧିବଦ୍ଧ ଭାବେ ତଦନ୍ତ ଆରମ୍ଭ କରିଛି ସିବିଆଇ। ଆଉ ସିବିଆଇ ରୁଜୁ କରିଥିବା ଏଫଆଇଆରରେ ରହିଛି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ତାଙ୍କ ପୁଅ ତଥା ବିଧାୟକ ଆଦିତ୍ୟ ଠାକକରେ, ଅଭିନେତା ଡିନୋ ମୋରିଆ ଓ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ପ୍ରମୁଖଙ୍କ ନାଁ। ପ୍ରାୟ ୨ ସପ୍ତାହ ତଳେ ବମ୍ବେ ହାଇକୋର୍ଟ ଦିଶାଙ୍କ ମୃତ୍ୟୁ ମାମଲାର ତଦନ୍ତ ସିବିଆଇ ଦ୍ୱାରା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପରେ ଏବେ କେନ୍ଦ୍ରୀୟ ଏଜେନ୍ସି ତଦନ୍ତକୁ ତ୍ୱରାନ୍ୱିତ କରିଛି। ହତ୍ୟା, ଗଣଦୁଷ୍କର୍ମ, ଅପରାଧିକ ଷଡଯନ୍ତ୍ର, ପ୍ରମାଣ ନଷ୍ଟ ଓ ମିଛ ସୂଚନା ଦେବା ଭଳି ଦଫା ଅନୁସାରେ ମାମଲା ରୁଜୁ କରାଯାଇଛି।

ସିବିଆଇ ଏଫଆଇଆରେ କୁହାଯାଇଛି ଯେ “ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଓ ଅନ୍ୟମାନେ ଘଟଣାକୁ ଚପାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ପୁଲିସ ଅଧିକାରୀମାନଙ୍କ ବିରୋଧରେ ମାମଲା ସମ୍ପର୍କିତ କାଗଜପତ୍ର, ଫାଇଲ ଓ ଅନ୍ୟାନ୍ୟ ସରକାରୀ ରେକର୍ଡ ନଷ୍ଟ କରିବା, ସରକାରୀ ରେକର୍ଡରେ ଜାଲିଆତି କରିବା, ବେଆଇନ ଭାବେ ସରକାରୀ ଅର୍ଥ, ମାନବ ସମ୍ବଳ ଓ ପୁଲିସ ବ୍ୟବସ୍ଥାର ଅପବ୍ୟବହାର କରିବା ଏବଂ ଦୋଷୀମାନଙ୍କୁ ସୁରକ୍ଷା ଦେବା ଅଭିଯୋଗରେ ମଧ୍ୟ ତଦନ୍ତ କରାଯିବା ଉଚିତ। ““ଆଦିତ୍ୟ ଠାକରେ, ଡିନୋ ମୋରିଆ, ସୂରଜ ପାଞ୍ଚ ?ଲି, ରେହା ଚକ୍ରବର୍ତ୍ତୀଙ୍କ ସମେତ ବିଳମ୍ବିତ ପୋଷ୍ଟମର୍ଟମ ସହ ସମ୍ପୃକ୍ତ ଡାକ୍ତର ଓ କର୍ମଚାରୀମାନଙ୍କ ଭୂମିକାର ମଧ୍ୟ ତଦନ୍ତ ହେବ।” ସିବିଆଇ ତାଲିକାରେ ଆଦିତ୍ୟ ଠାକରେ, ରୋହନ ରୟ, ଡିନୋ ମୋରିଆ, ସୂରଜ ପାଞ୍ଚ ?ଲି, ଆଦିତ୍ୟ ଠାକରେଙ୍କ ବଡିଗାର୍ଡ, ରିୟା ଚକ୍ରବର୍ତ୍ତୀ, ଭାଇ ଶୋଭିକ ଚକ୍ରବର୍ତ୍ତୀ, ବହିଷ୍କୃତ ପୁଲିସ୍ ? ଅଧିକାରୀ ସଚିନ ୱାଜେ, ମୁମ୍ବାଇର ତତ୍କାଳୀନ ପୁଲିସ୍ ? କମିଶନର ପରମବୀର ସିଂହ, ଡିସିପି ବିଶାଳ ଠାକୁର, ତତ୍କାଳୀନ ଗୃହମନ୍ତ୍ରୀ ଅନୀଲ ଦେଶମୁଖ, ଏପିଆଇ ଅଶୋକ ଦେବାଧେ, ପିଆଇ ଜଗଦେବ କାଲାପାଡ, ପିଆଇ ଶୈଳେନ୍ଦ୍ର ନାଗରକର, ପିଆଇ ଚିମାଜୀ ଆଧବ, ପିଆଇ ଅର୍ଜୁନ ରାଜାନେ ଓ ମାଲଭାଣୀ ଥାନାର ସମ୍ପୃକ୍ତ ଅଧିକାରୀମାନେ ଅଛନ୍ତି।

## ୨୦ ରୁ ପୁଣି ଏକ ଘୂର୍ଣ୍ଣିବଳୟ , ପ୍ରବଳ ବର୍ଷାରେ ଭିଜିବ ଓଡିଶା

ଭୁବନେଶ୍ୱର,୧୪।୯: ଆସନ୍ତା ୨୦ ତାରିଖରେ ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୨ ତାରିଖ ବେଳକୁ ଏହା ଦକ୍ଷିଣ ଓଡିଶା ଉତ୍ତର ଆନ୍ଧ୍ର ଉପକୂଳ ନିକଟକୁ ଗତି କରିବ । ଏହାପରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ସୂଚନା ଅନୁସାରେ ରାଜ୍ୟରେ ସକ୍ରିୟ ମୌସୁମୀ ନିମ୍ନଚାପ ରେଖା ଏବଂ ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପ ଯୋଗୁ ରାଜ୍ୟରେ ବର୍ଷା ବ ?ିପାରେ । ଉତ୍ତର ଓଡିଶା ଓ ଦକ୍ଷିଣ ଓଡିଶାର ପାହାଡିଆ ଅଞ୍ଚଳର କିଛି ସ୍ଥାନରେ ଭାରି ବର୍ଷାର ସମ୍ଭାବନା ରହିଛି । ତେବେ ୨୨ ତାରିଖ ବେଳକୁ ହେବାକୁ ଥିବା ଲଘୁଚାପ କେତେ ଶକ୍ତିଶାଳୀ ହେବ, କେଉଁ ଦିଗକୁ ଯିବ ଓ କେଉଁ ଅଞ୍ଚଳରେ ଅଧିକ ବର୍ଷା କରାଇବ, ତାହା ବର୍ତ୍ତମାନ ଅନୁମାନ ହୋଇନାହିଁ । ୧୪ ଓ ୧୫ ତାରିଖରେ ଉତ୍ତର ଓଡିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫେରିଯିବା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଭାରତୀୟ ପାଣିପାଗ ବିଭାଗ ର ସୂଚନା ଅନୁଯାୟୀ, ଆସନ୍ତା ୧୯ ତାରିଖ ଆଡ଼କୁ ଉତ୍ତର-ପଶ୍ଚିମ ଭାରତ ବିଶେଷ କରି ପଶ୍ଚିମ ରାଜସ୍ଥାନର କିଛି ଅଞ୍ଚଳରୁ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପାଗ ଅନୁକୂଳ ହେଉଛି।

## ଅଗଷ୍ଟରେ ମହଙ୍ଗା ମାଡ଼

ନୂଆଦିଲ୍ଲୀ,୧୪।୯ : ଦେଶବାସୀଙ୍କୁ ମହଙ୍ଗା ମାଡ। ଦେଶର ଖୁଚୁରା ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ବୃଦ୍ଧି ପାଇଛି। ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୫% ଥିବା ବେଳେ ଅଗଷ୍ଟରେ ଏହା ୪.୮୨% ଛୁଇଁଛି। ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏପରି ହୋଇଛି। ଗ୍ରାହକ ଦର ସୂଚକାଙ୍କ(ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ୪.୮୨% ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଅଗଷ୍ଟ ସଂଖ୍ୟା ପ୍ରୋଭିଜନାଲ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଖାଦ୍ୟ ମୁଦ୍ରାସ୍ଫୀତି ଜୁଲାଇରେ ୫.୫୨% ରହିଥିବା ବେଳେ ଅଗଷ୍ଟରେ ଏହା ୫.୯୫%କୁ ବୃଦ୍ଧି ପାଇବା ସମସ୍ତଙ୍କ ଚିନ୍ତା ବାଇ ଦେଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି।



ଗ୍ରାମାଞ୍ଚର ମୁଦ୍ରାସ୍ଫୀତି ୪.୮୪%ରୁ ବି ୫.୨୩ରେ ପହଞ୍ଚି ଯାଇଛି। ସେହିପରି ସହାରାଞ୍ଚଳ ମୁଦ୍ରାସ୍ଫୀତି ଜୁଲାଇରେ ୩.୯୬% ରହିଥିବା ବେଳେ ଅଗଷ୍ଟରେ ଏହା ୪.୩୧% ରହିଛି। ““ଗ୍ରାହକ ଦର ବୃଦ୍ଧିରେ ଖାଦ୍ୟ ସବୁଠାରୁ ବଡ ଭୂମିକା ତୁଲାଇଛି। ଜୁଲାଇରେ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ୫.୫୨% ରହିଥିବା ବେଳେ ଏବେ ୫.୯୫%ରେ ପହଞ୍ଚିଛି। ଗ୍ରାମାଞ୍ଚଳ ଖାଦ୍ୟ ମୁଦ୍ରାସ୍ଫୀତି ସହାରାଞ୍ଚଳରେ ତୁଳନାରେ ଅଧିକ। ଗ୍ରାମାଞ୍ଚଳରେ ଖାଦ୍ୟ ମୁଦ୍ରାସ୍ଫୀତି ୬.୧୩% ଓ ସହରାଞ୍ଚଳରେ ଏହା ୫.୬୪%। ଅର୍ଥାତ ସହାରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସବୁ କିଛି ଅଧିକ ମହଙ୍ଗା ହୋଇଛି।ବିଭିନ୍ନ ଖାଦ୍ୟ ସାମଗ୍ରୀ ଦରରେ ବି ତୀବ୍ର ବୃଦ୍ଧି ରେକର୍ଡ କରାଯାଇଛି। ପିଆଜର ମୁଦ୍ରାସ୍ଫୀତି ଜୁଲାଇରେ ୨୨.୫୪% ଥିବାବେଳେ ଅଗଷ୍ଟରେ ୪୮.୨୭%କୁ ବୃଦ୍ଧି ପାଇଛି। ସେହିପରି ରସୁଣର ମୁଦ୍ରାସ୍ଫୀତି ୩୫.୩୬%ରୁ ବଢ଼ି ୪୩.୬୦%ରେ ପହଞ୍ଚି ଯାଇଛି। ଅଗଷ୍ଟରେ ଅଦାର ମୁଦ୍ରାସ୍ଫୀତି ୭୩.୮୨% ରହିଥିଲା। ତେବେ ଜୁଲାଇରେ ଏହା ୮୩.୫୭% ଥିବାରୁ ଅଗଷ୍ଟରେ ଏଥିରେ କିଛିଟା ହ୍ରାସ ଘଟିଛି। ରୁପା ଅଳଙ୍କାରର ମୁଦ୍ରାସ୍ଫୀତି ସର୍ବାଧିକ ୧୦୭.୧୧% ରହିଛି। ସୁନା, ହୀରା ଓ ପ୍ଲାଟିନମ୍ ଅଳଙ୍କାରର ମୁଦ୍ରାସ୍ଫୀତି ୩୫.୫୩% ରେକର୍ଡ ହୋଇଛି। ଖାଦ୍ୟ ଓ ପାନୀୟ ବ୍ୟତୀତ ଅନ୍ୟାନ୍ୟ ବ୍ୟକ୍ତିଗତ ଯତ୍ନ, ସାମାଜିକ ସୁରକ୍ଷା ଓ ବିବିଧ ସାମଗ୍ରୀ ଓ ସେବା ବର୍ଗରେ ସର୍ବାଧିକ ୧୫.୧୭% ମୁଦ୍ରାସ୍ଫୀତି ରହିଛି। ଏହା ପଛକୁ ରେଷ୍ଟୁରାଣ୍ଟ ଓ ଆବାସିକ ସେବା ବର୍ଗରେ ୮.୩୮% ଓ ପାନ, ତମାଖୁ ଓ ନିଶାଦ୍ରବ୍ୟ ବର୍ଗରେ ୪.୭୧% ମୁଦ୍ରାସ୍ଫୀତି ରହିଛି। ପରିବହନ ବର୍ଗରେ ମୁଦ୍ରାସ୍ଫୀତି ୪.୬୦%, ପୋଷାକ ଓ ଜୋତା ବର୍ଗରେ ୩.୫୬% ରହିଛି। ଘର, ପାଣି, ବିଦ୍ୟୁତ, ଗ୍ୟାସ୍ ଓ ଅନ୍ୟାନ୍ୟ ଇନ୍ଧନରେ ମୁଦ୍ରାସ୍ଫୀତି ୨.୬୧% ରହିଥିବାବେଳେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ତୁଳନାତ୍ମକ ଭାବେ କମ୍ ୧.୩୪% ରହିଛି ।ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅଗଷ୍ଟରେ ତେଲଙ୍ଗାନାରେ ସର୍ବାଧିକ ଖୁଚୁରା ମୁଦ୍ରାସ୍ଫୀତି ୬.୨୭% ରେକର୍ଡ ହୋଇଛି। ଏହା ପଛକୁ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡ୍ୟୁରେ ମୁଦ୍ରାସ୍ଫୀତି ୬.୨୨% ରହିଛି।

ତାମିଲନାଡୁରେ ମୁଦ୍ରାସ୍ଫୀତି ୫.୯୨%, ପୁଡୁଚେରୀରେ ୫.୮୫%, ମଧ୍ୟପ୍ରଦେଶରେ ୫.୫୫% ଓ ଆନ୍ଧ୍ରପ୍ରଦେଶରେ ୫.୫୩%, ଦିଲ୍ଲୀର ମୁଦ୍ରାସ୍ଫୀତି ୨.୬୧%, ପଶ୍ଚିମବଙ୍ଗରେ ୩.୨୮% ଓ ଗୁଜରାଟରେ ୪.୯୪%ରେ ପହଞ୍ଚିଛି। ମେ’ ମାସରୁ ଖୁଚୁରା ମୁଦ୍ରାସ୍ଫୀତି ଲଗାତାର ବଢ଼ିଚାଲିଛି। ମେ’ରେ ମୁଦ୍ରାସ୍ଫୀତି ୩.୯୩% ଥିବାବେଳେ ଜୁନ୍‌ରେ ୪.୩୮%, ଜୁଲାଇରେ ୪.୪୫% ଓ ଅଗଷ୍ଟରେ ୪.୮୨%କୁ ବୃଦ୍ଧି ପାଇଛି।

## ପାକିସ୍ତାନ ସପକ୍ଷରେ ମତଦେଲେ ମାଲେସିଆ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୪।୯(ଏଜେନ୍ସି): ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଭାରତରେ ଥିବା ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ ପାକିସ୍ତାନକୁ ଆତଙ୍କବାଦୀ-ପ୍ରାୟୋଜିତ ରାଷ୍ଟ୍ର ଭାବରେ ମାନ୍ୟତା ଦେବାକୁ ମନା କରିଛନ୍ତି। ପାକିସ୍ତାନୀ ନେତାମାନେ ଏହି ବିବୃତ୍ତିକୁ ଏକ ବଡ଼ ସଫଳତା ଭାବରେ ଦେଖୁଛନ୍ତି। ଏକ ସାକ୍ଷାତକାରରେ ଅନଓ୍ୱର ଇବ୍ରାହିମଙ୍କୁ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ବିଷୟରେ ପ୍ରଶ୍ନ କରାଯାଇଥିଲା। ଜବାବରେ, ସେ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ହୋଇଥିବାର କୌଣସି ପ୍ରମାଣ ନାହିଁ। ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାଓ୍ୱାଲ ଭୁଟ୍‌ଟୋ ଜର୍ଦ୍ଦାରୀ ଏହା ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି।

ଅନଓ୍ୱର ଇବ୍ରାହିମଙ୍କ ବିବୃତ୍ତି ଉପରେ ବିଲାଓ୍ୱାଲ ଭୁଟ୍‌ଟୋଙ୍କ ପ୍ରତିକ୍ରିୟା। ଅନଓ୍ୱର ଇବ୍ରାହିମଙ୍କୁ ପ୍ରଶଂସା କରି ବିଲାଓ୍ୱାଲ ଭୁଟ୍‌ଟୋ କହିଛନ୍ତି, ‘ନୂଆଦିଲ୍ଲୀ ଏବେ ଅନ୍ତର୍ଜାତୀୟ ସ୍ତରରେ ପର୍ଦ୍ଦାଫାଶ ହୋଇଯାଇଛି। ସତ୍ୟ ହେଉଛି ଯେ ଭାରତ ମିଥ୍ୟା ଉପରେ ଯୁଦ୍ଧ ଆରମ୍ଭ କରିଥିଲା। ଭାରତ ଏବେ ଯୁଦ୍ଧବିରତି ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ଉଚିତ ଏବଂ ପାକିସ୍ତାନ ସହିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ହେବା ଉଚିତ ଯାହା ଦ୍ୱାରା ଆମେ ସମସ୍ତେ ଆମ ଅଞ୍ଚଳରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଆଣିବା ପାଇଁ ଏକାଠି କାମ କରିପାରିବା।ଏକ ଜାତୀୟ ଗଣମାଧ୍ୟମ ସହିତ ଏକ ସାକ୍ଷାତକାରରେ ଅନଓ୍ୱର ଇବ୍ରାହିମ କହିଛନ୍ତି ଯେ, ମାଲେସିଆର ସୁରକ୍ଷା ଏଜେନ୍ସି ଗୁଡ଼ିକ ତାଙ୍କୁ ଆତଙ୍କବାଦରେ ପାକିସ୍ତାନ ସରକାରଙ୍କ କୌଣସି ସମ୍ପୃକ୍ତି ବିଷୟରେ ଜଣାଇ ନାହାଁନ୍ତି। ମାଲେସିଆର ନେତାଙ୍କୁ ଏହା ମଧ୍ୟ ପଚରାଯାଇଥିଲା ଯେ ଗାଜାରେ ଇସ୍ରାଏଲର କାର୍ଯ୍ୟକଳାପ ରାଜ୍ୟ ଆତଙ୍କବାଦ ଗଠନ କରେ କି ସେ ଏହାକୁ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବୋଲି କହି ହଁ ବୋଲି ଉତ୍ତର ଦେଇଥିଲେ। ସେ କହିଥିଲେ, ‘ଗାଜା କିମ୍ବା ପାଲେଷ୍ଟାଇନ ପ୍ରସଙ୍ଗ ଏକ ନୂତନ ପ୍ରସଙ୍ଗ ନୁହେଁ। ଏହି ଯୁଦ୍ଧ ୭୦ ବର୍ଷ ଧରି ଚାଲିଛି, ଏପରିକି ହମାସ ବିନା ମଧ୍ୟ। ୧୮ ତମ ବ୍ରିକ୍ସ ଶିଖର ସମ୍ମିଳନୀ ସମୟରେ ଜାରି କରାଯାଇଥିବା ନୂଆ ଦିଲ୍ଲୀ ଘୋଷଣାପତ୍ରରେ, ପ୍ରଧାନମନ୍ତ୍ରୀ ମୋଦୀ ଏପ୍ରିଲ ୨୨, ୨୦୨୫ ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରିଥିଲେ। ଏଥିରେ ସମସ୍ତ ପ୍ରକାର ଏବଂ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବାକୁ କୁହାଯାଇଥିଲା। ଘୋଷଣାପତ୍ରରେ ଆତଙ୍କବାଦୀଙ୍କ ସୀମାପାର ଗତିବିଧି, ଆତଙ୍କବାଦକୁ ପାଣ୍ଠି ଯୋଗାଇବା ଏବଂ ଆତଙ୍କବାଦୀଙ୍କୁ ନିରାପଦ ଆଶ୍ରୟସ୍ଥଳ ପ୍ରଦାନ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା।




ନୂଆଁଖାଇ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ ‘ନୂଆଁଖାଇ’ ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

OIPR-15001/15001/2/26-27/0097

15001/97/2627



ନୂଆଁଖାଇ ତିହାର୍ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ନୂଆଖାଇ

ନୂଆଖାଇ (ନୂଆଁଖାଇ ବା ନବାଓ ଭାବେ ମଧ୍ୟ ଜଣା) ଓଡ଼ିଶାର ପଶ୍ଚିମା□ଳର ଏକ ପାରମ୍ପରିକ ପର୍ବ ।ନୂଆଖାଇ ଧାନ ଅମଳର ଖୁସିର ପାଳନ କରିବା ନିମନ୍ତେ କରାଯାଇଥାଏ । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଳ ପଞ୍ଚମୀ ତିଥିରେ (ଗଣେଶ ଚତୁର୍ଥୀର ପରଦିନ) ପାଳିତ ହୋଇଥାଏ । ଏହି ଦିନ ପ୍ରତି ଗ୍ରାମର ପରିବାରମାନେ ନିଜ ନିଜ ଘରେ ଅକାଣ୍ଡିଆ ଚଉଳର କ୍ଷୀରି ରାନ୍ଧିବା ସହ ଯୁଗ୍ମ ପରିବାରରେ ତଥା ସମଗ୍ର ଗ୍ରାମରେ ସାମୁହିକ ଭାବେ ମଧ୍ୟ ରାନ୍ଧିଥାନ୍ତି । ଏହି କ୍ଷୀରି ନବାଓ ବା ନବାର୍ଣ୍ଣ ନାମରେ ଜଣା । ଗ୍ରାମର ଦେହୁରୀ ସେହି ନବାଓକୁ ପୂର୍ବଜମାନଙ୍କୁ ଅର୍ପଣ କରିଥାନ୍ତି ଆଉ ଭୋଗ ରୂପେ ସମସ୍ତଙ୍କୁ ବାଣ୍ଟଥାନ୍ତି ।ନୂଆଖାଇ ପାଳନ ପରଦିନ ନୂଆଖାଇ ବାସି ପାଳନ ହୁଏ । ଏହିଦିନ ବଳକା ନୂଆଓ, କ୍ଷୀରି-ପିଠା ଖିଆହେବା ସହ ମାଂସ ରନ୍ଧାଯାଇଥାଏ। ବାସି ପରଦିନ ତିଆସି ପାଳନ ହୁଏ ଓ ଏହିଦିନ ଗ୍ରାମବାସୀମାନେ ମାଂସ ସମେତ ବିଭିନ୍ନ ଖାଦ୍ୟ ଓ ମଦ ଖିଆପିଆ ଓ ପାରମ୍ପାରିକ ଖେଳ (ଯଥା ଡୁଡୁ, ଖୋଖୋ, ବାଡ଼ି-ଖିଚ, କୁସ୍ତି) ଖେଳି ସମୟ ଅତିବାହିତ କରିଥାନ୍ତି।



## ଖବର

# 'ଭେଦଭାବ ଦୂର କରି ଆମକୁ ଏକାଠି କରେ ନୂଆଁଖାଇ'



ନୂଆ ଖୁସି ଏବଂ ଉତ୍ସାହ ନେଇ ନୂଆଁଖାଇ ଆସିଛି। ନିଜ ଆତ୍ମୀୟଙ୍କୁ ଛାଡ଼ି ଦୂରରେ ରହୁଥିବା ଲୋକେ ପୁଣି ଜନ୍ମମାଟିରେ ଏକାଠି ହୋଇଛନ୍ତି। ଜନ୍ମମାଟିରେ ଲୋକଙ୍କର ଏହି ସମାଗମ ଆଜି ନୂଆ ଆଶା ଏବଂ ନୂଆ ଭାବନା ସୃଷ୍ଟି କରୁଛି। ଛୋଟ ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ଉତ୍ସାହିତ ଦେଖାଯାଉଛନ୍ତି। ଖାଲିଖାଲି ଲାଗୁଥିବା ପରିବାରରେ ଏବେ ପୂର୍ଣ୍ଣତା ଦେଖାଯାଉଛି। ଗାଁ ଦାଣ୍ଡରେ ବୟସ୍କମାନେ ତାସ୍ ଖେଳୁଥିବା ବେଳେ ପଡ଼ିଆରେ ଯୁବକମାନେ କ୍ରିକେଟ୍ ଖେଳିବାରେ ବ୍ୟସ୍ତ ଦେଖାଯାଉଛନ୍ତି। କେବଳ ଏତିକି ନୁହେଁ ବହୁ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଛି। ଭଲ ବର୍ଷା ଯୋଗୁଁ ଚଳିତ ବର୍ଷ ଧାନ ସହିତ ଅନ୍ୟ ଫସଲ ହସୁଛି। ପ୍ରତିବର୍ଷ ତୁଳନାରେ ଏଥରର ନୂଆଁଖାଇ ଅଲଗା ଅନୁଭବ ହେଉଛି। ଓଡ଼ିଶାରେ ୧୨ ମାସରେ ୧୩ ପର୍ବ ପାଳନ ହେଉଛି। ସେଥି ମଧ୍ୟରୁ କୃଷିଭିତ୍ତିକ ପର୍ବ 'ନୂଆଁଖାଇ'ଅନ୍ୟତମ। ଏହି ପର୍ବ ପାଇଁ ପୂରା ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇ ଉଠିଛି। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରର ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ ଏବଂ ସୋନପୁରର ମା' ସୁରେଶ୍ୱରୀଙ୍କ ଠାରେ ନୂଆଁ ଲାଗି ହେଉଛି। ନୂଆଁ ଧାନରୁ ପ୍ରସ୍ତୁତ ଭୋଗ ଇଷ୍ଟଦେବୀଙ୍କୁ ଅର୍ପଣ କରାଯାଉଛି। ଇଷ୍ଟ ଦେବୀଙ୍କୁ ଯେଉଁ ଭୋଗ ଅର୍ପଣ କରାଯାଏ, ତାହା 'ନବାର୍ଣ୍ଣ' ନାମରେ ଅଧିକ ପରିଚିତ। ଦେହୁରୀ ନବାର୍ଣ୍ଣକୁ ଅର୍ପଣ କଲା ପରେ ଭୋଗ ରୂପେ ଅନ୍ୟ ସମସ୍ତଙ୍କୁ ବାଣ୍ଟିଥାନ୍ତି। ଘରେ ଆୟୋଜିତ ପୂଜାରେ ନୂଆ ଲାଗି ହେଲା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି। ନୂଆଁଖାଇ ସବୁଠାରୁ ବଡ଼ ପର୍ବ ହୋଇଥିବାରୁ ଘରେ ବହୁ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ। ବ୍ୟଞ୍ଜନକୁ ଖଲିପତ୍ରରେ ପରସା ଯାଇଥାଏ। ସମସ୍ତେ ଖାଇସାରିଲା ପରେ ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି। ସେହିପରି ପଡ଼ୋଶୀ ବୟୋଜ୍ୟେଷ୍ଠମାନଙ୍କୁ ଭେଟି ପ୍ରଣାମ କରିଥାନ୍ତି। ଏହି ସମୟରେ ନିଜ ଭିତରେ ପୂର୍ବରୁ ଥିବା ମତଭେଦ ଭୁଲି ଯାଆନ୍ତି।

ପରିବାର ମଧ୍ୟରେ ଥିବା ମତଭେଦକୁ ମଧ୍ୟ ନୂଆଁଖାଇ ଦୂରେଇ ଦେଇଥାଏ। ଆମେ ସମସ୍ତେ ଏକ, ଆମ ଚିନ୍ତାରେ ମଧ୍ୟ ଏକତା ରହିଛି। ଏହାର ଉଦାହାରଣ ହେଉଛି ନୂଆଁଖାଇ ପର୍ବ। ଏହି ଭାଇଚାରାର ପର୍ବ ଚୌହାନ ବଂଶର ଶାସନ କାଳରୁ ପାଳିତ ହୋଇ ଆସୁଛି। ଚାଷର ପର୍ବ ନୂଆଁଖାଇ ସହିତ ଚାଷୀ ଜୀବନର ସଂପର୍କ ଅତି ଘନିଷ୍ଠ। ଚାଷୀ ଯାହା ଫସଲ ଉତ୍ପାଦନ କରିଥାଏ, ତାହାକୁ ଏକା ନଖାଇ ଅନ୍ୟମାନଙ୍କର ଉଦ୍ଦେଶ୍ୟରେ ମଧ ଆଦାନପ୍ରଦାନ କରିଥାଏ। ବାସ୍ତବରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ କହିଥିବା କଥା 'ଜୟ ଯବାନ, ଜୟ କିଷାନ' ନୂଆଁଖାଇ ପର୍ବକୁ ମଧ୍ୟ ବଳ ଯୋଗାଉଛି ।ବିଗତ କିଛି ଦଶନ୍ଧି ହେଲା ନୂଆଁଖାଇର ରୂପ ବଦଳିଛି। ପଶ୍ଚିମ ଓଡ଼ିଶା ବାହାରେ ମଧ ନୂଆଁଖାଇ ପାଳନ କରାଯାଉଛି। ପଶ୍ଚିମ ଓଡ଼ିଶାର ଲୋକ ନୂଆଁଖାଇଦିନ ଯେତେ ଦୂରରେ ଥିଲେ ମଧ ଜନ୍ମମାଟିରେ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି।

## ରାମାୟଣ : ଭରତଙ୍କ ସ୍ୱପି

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଭଗବାନ ରାମଚନ୍ଦ୍ର ବନବାସ ଯିବା ସମୟରେ ତାଙ୍କୁ ୨୭ ବର୍ଷ ହୋଇଥିଲା । ରାଜା ଦଶରଥ ଶ୍ରୀରାମଙ୍କୁ ବନବାସ ପଠାଇବାକୁ ଚାହୁଁନଥିଲେ । ମାତ୍ର ସେ ବଚନବଦ୍ଧ ଥିଲେ । ଶ୍ରୀରାମଙ୍କୁ ଅଟକାଇବାର କୌଣସି ଉପାୟ ନପାଇ ଦଶରଥ କହିଥିଲେ ଯେ ମୋତେ ବନ୍ଦୀ କରି ତୁମେ ନିଜେ ରାଜା ହୋଇଯାଅ । ହେଲେ ରାମ ବନବାସ ଚାଲିଗଲେ। ଏହାପରେ ଦଶରଥଙ୍କ ମୃତ୍ୟୁ ଘଟିଲା। ପିତାଙ୍କ ମୃତ୍ୟୁର ଆଭାସ ଭରତ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ଜାଣିପାରିଥିଲେ । ସ୍ୱପ୍ନରେ ସେ ଦଶରଥଙ୍କୁ କଳା ବସ୍ତ୍ର ପରିଧାନ କରିଥିବା ଦେଖିଥିଲେ । ତାଙ୍କ ଉପରେ ହଳଦିଆ ରଙ୍ଗର ସ୍ତ୍ରୀ ଲୋକମାନେ ପ୍ରହାର କରୁଥିଲେ । ଭରତ ସ୍ୱପ୍ନରେ ଦେଖିଲେ ଯେ ରାଜା ଦଶରଥ ଲାଲ୍ ରଙ୍ଗର ଫୁଲ ମାଳପକାଇ ଲାଲ ଚନ୍ଦନ ଲଗାଇ ଗଧ ଟାଣୁଥିବା ରଥରେ ବସି ଦକ୍ଷିଣ ଦିଗ (ଯମଙ୍କ ଦିଗ) ଆଡ଼କୁ ଯାଉଥିଲେ ।



# କର୍ମ ବଡ଼ କି ଭାଗ୍ୟ ?

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ କର୍ମ ଉପରେ ବିଶ୍ୱାସ କରିଥାନ୍ତି । ସେମାନଙ୍କ ବିଶ୍ୱାସ, ଭାଗ୍ୟ ବୋଲି କିଛି ନାହିଁ । କିନ୍ତୁ ଭାଗ୍ୟବାଦୀ ଲୋକମାନେ କୁହନ୍ତି, ଭାଗ୍ୟରେ ଯାହା ଲେଖା ହୋଇଛି, ତାହା ନିଶ୍ଚିତ ଭାବେ ମିଳିବ । ଅର୍ଥାତ୍ କର୍ମ ଏବଂ ଭାଗ୍ୟ ଏ ଦୁଇଟି ବିନ୍ଦୁ ଉପରେ ମନୁଷ୍ୟ ସର୍ବଦା ଭ୍ରମଣ କରିଥାଏ । ଦିନେ ତା'କୁ ଏ ଜଗତରୁ ବିଦାୟ ନେବାକୁ ହୋଇଥାଏ । ଭାଗ୍ୟ ଏବଂ କର୍ମକୁ ଭଲ ଭାବେ ଜାଣିବା ଲାଗି ପୁରାଣରେ ଅନେକ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଥରେ ଦେବର୍ଷି ନାରଦ ବୈକୁଣ୍ଠ ଧାମରେ ପହଞ୍ଚିଲେ । ସେଠାରେ ଭଗବାନ ବିଷ୍ଣୁଙ୍କୁ ପ୍ରଣାମ କଲେ । ଶ୍ରୀହରିଙ୍କୁ ଦେବର୍ଷି ନାରଦ କହିଲେ, ପ୍ରଭୁ! ପୃଥିବୀରେ ଆପଣଙ୍କ ପ୍ରଭାବ କମ୍ ହେବାରେ ଲାଗିଛି । ଧର୍ମ ପଥରେ ଚାଲୁଥିବା ଲୋକମାନଙ୍କୁ ଭଲ ଫଳ ମିଳୁନାହିଁ । ହେଲେ ପାପ କରୁଥିବା ଲୋକମାନଙ୍କର ଭଲ ହେଉଛି ।


ଏହା ଶୁଣି ଶ୍ରୀହରି କହିଲେ, ଏହା ସତ୍ୟ ନୁହେଁ ଦେବର୍ଷି । ଯାହା ଘଟୁଛି ସେସବୁ ଭାଗ୍ୟ ବଳରୁ ସମ୍ଭବ ହେଉଛି । ନାରଦ କହିଲେ, ମୁଁ ଏବେ ଦେଖିକି ଆସିଲି । ପୃଥିବୀରେ ପାପୀ ଲୋକମାନଙ୍କୁ ଭଲ ଫଳ ମିଳୁଛି । କିନ୍ତୁ ଭଲ କାମ କରୁଥିବା ଲୋକ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଖରାପ ଫଳ ପ୍ରାପ୍ତ ହେଉଛି । ଭଗବାନ କହିଲେ, ତୁମେ ସେମିତି କିଛି ଘଟଣା ସମ୍ପର୍କରେ ମୋତେ କହିପାରିବ କି ? ନାରଦ କହିଲେ, ମୁଁ ଏବେ ଏକ ଜଙ୍ଗଲ ଦେଇ ଆସିଲି । ସେଠାରେ ଗୋଟିଏ ଗାଈ ପଙ୍କରେ ଫସିଥିଲା । ତା'କୁ ରକ୍ଷା କରିବା ଲାଗି କେହି ନଥିଲେ । ଏହି ସମୟରେ ଏକ ଚୋର ସେହି ରାସ୍ତା ଦେଇ ଗଲା । ଗାଈକୁ ପଙ୍କରେ ଫସିଥିବା ଦେଖି ସେ ଅଟକିଲା ନାହିଁ । ଓଲଟି ଗାଈ ଉପରେ ପାଦ ରଖି ପଙ୍କରୁ ଉଦ୍ଧାର ପାଇ ଚାଲିଗଲା। ଆଗକୁ ଯିବା ପରେ ଚୋର ସୁନା ମୋହର ଭର୍ତ୍ତି ଏକ ଥଳୀ ପାଇଲା। କିଛି ସମୟ ପରେ ଜଣେ ବୃଦ୍ଧ ସାଧୁ ସେହି ରାସ୍ତା ଦେଇ ଗଲେ । ସେ ପଙ୍କରେ ଫସିଥିବା ଗାଈକୁ ଉଦ୍ଧାର କରିବା ଲାଗି ସମ୍ପୂର୍ଣ୍ଣ ଉଦ୍ୟମ କଲେ । ଶରୀରର ସମସ୍ତ ବଳ ଖଟାଇ ଗାଈକୁ ବଞ୍ଚାଇଦେଲେ। ହେଲେ ଗାଈକୁ ଉଦ୍ଧାର କରି କିଛି ବାଟ ଯିବା ପରେ ସେ ଏକ ଗାତରେ ଖସିପଡ଼ିଲେ । ପ୍ରଭୁ! କୁହନ୍ତୁ ଏହା କିପରି ନ୍ୟାୟ ? ନାରଦ ପଚାରିଲେ । ତାଙ୍କ କଥା ଶୁଣି ପ୍ରଭୁ କହିଲେ, ତୁମେ ଯାହା ଭାବୁଛ ତାହା ଭୁଲ କଥା । ଯେଉଁ ଚୋର ଗାଈକୁ ଛାଡ଼ି ଦେଇ ଚାଲିଯାଇଥିଲା, ତା' ଭାଗ୍ୟରେ ସ୍ୱର୍ଣ୍ଣ ମୁଦ୍ରା ଲେଖାଥିଲା। ହେଲେ ଏହି କର୍ମ ଯୋଗୁ ସେ ଯେଉଁ ପାପ ଅର୍ଜନ କଲା ତା'ଦ୍ୱାରା ସେ ମାତ୍ର କିଛି ସ୍ୱର୍ଣ୍ଣ ମୁଦ୍ରା ପାଇଲା। ଅନ୍ୟପକ୍ଷରେ ସାଧୁ ଜଣକ ଗାଈକୁ ଉଦ୍ଧାର କରି ଖାତରେ ପଡ଼ିବାର ଅର୍ଥ ହେଉଛି, ତାଙ୍କ ଭାଗ୍ୟରେ ମୃତ୍ୟୁ ଲେଖାଥିଲା। ହେଲେ ଗାଈକୁ ବଞ୍ଚାଇଥିବା କାରଣରୁ ତାଙ୍କର ପୁଣ୍ୟବଳ ବୃଦ୍ଧି ପାଇଲା। ସେ ସହଜ ମୃତ୍ୟୁବରଣ କଲେ ଏବଂ ସାଂସାରିକ ଚକ୍ରରୁ ମୁକ୍ତି ପାଇବାରେ ସକ୍ଷମ ହେଲେ। ନିଜ ଜୀବନକୁ ଈଶ୍ୱରଙ୍କ ପ୍ରତି ସମର୍ପି ଦେଇଥିବା ସାଧୁ ଜଣକ ବୋଧହୁଏ ଏହା ହିଁ ଚାହୁଁଥିଲେ। ତେଣୁ ମନୁଷ୍ୟ କର୍ମ ବେଳେ ବେଳେ ତା'ର ଭାଗ୍ୟ ବଦଳାଇ ଦେଇଥାଏ।

ନାରଦ ଏଥର ବୁଝିପାରିଲେ, ମନୁଷ୍ୟ ନିରନ୍ତର କର୍ମ କରିବା ଆବଶ୍ୟକ, କାରଣ କର୍ମ ଭାଗ୍ୟ ବଦଳାଇବାରେ ସହାୟକ ହୁଏ ।

# ମା' ସମଲେଶ୍ୱରୀଙ୍କ ରହସ୍ୟ




ଜଗତଜନନୀ ମା' ସମଲେଶ୍ୱରୀଙ୍କ କେବଳ ପଶ୍ଚିମ ଓଡ଼ିଶାର ନୁହଁ ସାରା ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ । ସମ୍ବଲପୁରର ମହାନଦୀ କୂଳେ ମା' ସମଲେଶ୍ୱରୀ ପୂଜା ପାଉଛନ୍ତି । ମା'ଙ୍କ ନାମ ଅନୁସାରେ ସହରର ନାମ ସମ୍ବଲପୁର ହୋଇଛି । ମା' ସମଲେଶ୍ୱରୀଙ୍କ ପ୍ରଥମ ପୂଜା ବିନା ସହରର କୌଣସି ଶୁଭ କାର୍ଯ୍ୟ ଆରମ୍ଭ ହୋଇନଥାଏ । ମା'ଙ୍କ ଦର୍ଶନ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏଠାକୁ ଆସିଥାନ୍ତି ।ଏହି ପୀଠରେ ମା' ସମଲେଶ୍ୱରୀଙ୍କ ୩ ଟି ମୁଖ୍ୟ ପର୍ବ ପାଳନ କରାଯାଇଥାଏ। ଗୋଟିଏ ହେଉଛି ନୂଆଖାଇ , ଆଉ ଦୁଇଟି ହେଉଛି ମା'ଙ୍କ ନବରାତ୍ରୀ ପୂଜା ।ନୂଆଖାଇ ଦିନ ପ୍ରଥମ ଅନ୍ନ ସମର୍ପଣ କରିବା ପରେ ହିଁ ପଶ୍ଚିମ ଓଡ଼ିଶାର ସମସ୍ତେ ନୂଆ ଖାଇଥାନ୍ତି। ଏହିଠାରେ କରାଯାଉଥିବା ପ୍ରଥମ ନବରାତ୍ରୀ ଯାହା ମାର୍ଚ୍ଚ- ଏପ୍ରିଲ ମାସରେ ଓ ଅନ୍ୟଟି ସେପ୍ଟମ୍ବର ଓ ଅକ୍ଟୋବର ମାସରେ ପାଳନ କରାଯାଇଥାଏ। ନବରାତ୍ରୀରେ ନଅ ଦିନ ଯାକ ଲଗାତର ଭାବେ ମା' ସମଲେଶ୍ୱରୀ ପୂଜା ପାଇ ଥାନ୍ତି । କିମ୍ବଦନ୍ତୀ ଅନୁସାରେ ବହୁ ପ୍ରକାର କଥା ଶୁଣିବାକୁ ମିଳିଥାଏ । ତନ୍ମଧ୍ୟରୁ ଗୋଟିଏ ହେଉଛି ସେତେବେଳର ସମ୍ବଲପୁର ରାଜା ଦିନେ ଶିକାର କରିବାକୁ ବାହାରିଥିଲେ। ସେହି ସମୟରେ ରାଜା ଏକ ଅଦ୍ଭୁତ ଘଟଣା ଦେଖିବାକୁ ପାଇଥିଲେ । ।ରାଜାଙ୍କ କୁକୁର ପଛରେ ଏକ ଠେକୁଆ ଗୋଡ଼ାଇଥିଲା ।ରାଜା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ଗୋଟିଏ ଠେକୁଆ କିପରି କୁକୁର ପଛରେ ଗୋଡ଼ାଉଅଛି । ସେ ଏହା ଭାବି ଠେକୁଆର ପଛେପଛେ ଗଲେ ଯ ସେତେବେଳେ ରାଜା ଏକ ଶିମିଳି ଗଛ ଦେଖିଲେ । ଯେଉଁଠି ମା' ସମଲେଶ୍ୱରୀଙ୍କୁ ଆଦିବାସୀ ମାନେ ସେଠାରେ ପୂଜା କରୁଥିଲେ। ରାଜା ସେତେବେଳେ ମା' ସମଲେଶ୍ୱରୀଙ୍କୁ ନିଜ ଇଷ୍ଟ ବୋଲି ମାନିନେଇଥିଲେ ଓ ସେଠାରେ ଏକ ମନ୍ଦିର ତୋଳାଇଥିଲେ। ଏହିଠାରେ ଭକ୍ତ ମାନେ ଭୋର ସାଢେ ୪ ଟାରୁ ଆସି ମା'ଙ୍କ ପୂଜା କରିଥାନ୍ତି ।ଏହି ମନ୍ଦିରରେ ୧୨ ଜଣ ପାଶ୍ୱର୍ ଦେବା ଦେବୀଙ୍କ ସହିତ ବାବା ଭୈରବ ଏହି ମନ୍ଦିରକୁ ଯଗି ଅଛନ୍ତି । କୁହାଯାଏ ମା ସମଲେଶ୍ୱରୀଙ୍କ ଦର୍ଶନ କରିବା ସାଙ୍ଗରେ ବାବା ଭୈରବଙ୍କ ଦର୍ଶନ କରିବା ଅତି ଆବଶ୍ୟକ । ବିନା ବାବାଙ୍କ ଦର୍ଶନରେ ମା' ସମଲେଶ୍ୱରୀଙ୍କ ଦର୍ଶନ ସଫଳ ହୋଇନଥାଏ।



# ଦାବାନଳ ଗ୍ରାସ

କାଳୀୟ ନାଗ ଦଳନ ପରେ ଅନେକ ସମୟ ବିତିସାରିଥିଲା। ଭଗବାନ କୃଷ୍ଣ ଓ ବ୍ରଜଭୂମିର ଅନ୍ୟମାନେ ଥକି ଯାଇଥିଲେ । ସେମାନେ ଭୋକଶୋଷରେ ଦୁର୍ବଳ ହୋଇପଡ଼ିଥିଲେ । ତେଣୁ ସେଦିନ ସେମାନେ ବୃନ୍ଦାବନ ଫେରିପାରିନଥିଲେ । ସମସ୍ତେ ଯମୁନା ତଟରେ ରାତି ବିତାଇବା ଲାଗି ନିଷ୍ପତ୍ତି ନେଲେ । ଗ୍ରୀଷ୍ମ ଋତୁ ଥିବାରୁ ରାତିରେ ସୁଦ୍ଧା ପ୍ରବଳ ଗରମ ଅନୁଭୂତ ହେଉଥିଲା । ଯମୁନା କୂଳରେ ଚାରିଆଡ଼େ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଏବଂ ଅନ୍ୟମାନେ ଆଶ୍ରୟ ନେଇଥିବା ଜଙ୍ଗଲ ଜଳିବାକୁ ଲାଗିଲା। ନିଦ ଭାଙ୍ଗିବାରୁ ଚାରିଆଡ଼େ କେବଳ ନିଆଁ ହିଁ ନିଆଁ ଥିଲା। ସମସ୍ତେ ଭୟଭୀତ ହୋଇପଡ଼ିଲେ । ଟିକିଏ ଆଗରୁ କୃଷ୍ଣ ଯମୁନା ନଦୀରୁ କାଳୀୟ ନାଗକୁ ବିତାଡ଼ିତ କରି ସେମାନଙ୍କୁ ରକ୍ଷା କରିଥିଲେ । ତେଣୁ ବ୍ରଜବାସୀ ଜଙ୍ଗଲ ନିଆଁ ବିପତ୍ତିରୁ ଉଦ୍ଧରିବା ଲାଗି କୃଷ୍ଣଙ୍କ ଶରଣାପନ୍ନ ହେଲେ । ସେମାନଙ୍କ ମନରେ ଥିବା ଭୟ ଦେଖି ଶ୍ରୀକୃଷ୍ଣ ତତ୍କ୍ଷଣାତ୍ ଜଙ୍ଗଲ ନିଆଁ ଗିଳିପକାଇଲେ । ଫଳରେ ସମସ୍ତ ନିରୀହ ଜନସାଧାରଣଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିଲା । ଭଗବାନଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଦୁଇ ଦୁଇଟି ବଡ଼ ବିପତ୍ତିରୁ ରକ୍ଷା ପାଇଥିଲେ । ଭଗବାନ ଶ୍ରୀକୃଷ୍ଣ ନିଜ ଜୀବନ କାଳ ମଧ୍ୟରେ ଅନେକ ଚମତ୍କାର କରିଥିଲେ। ତେବେ ଏହି ଚମତ୍କାର ସେ କେବେହେଲେ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ କରୁନଥିଲେ। ପତିତ, ଅତ୍ୟାଚାରର ଶିକାର ହୋଇଥିବା ଜନତାଙ୍କ ଉଦ୍ଧାର ପାଇଁ ତାଙ୍କର ସମସ୍ତ ଚମତ୍କାର ଉଦ୍ଦିଷ୍ଟ ଥିଲା। ଏହି କାରଣରୁ ଆଜି ସେ ଭଗବାନ ରୂପେ ପୂଜିତ ହେଉଛନ୍ତି । ଶ୍ରୀକୃଷ୍ଣଙ୍କ ଜୀବନରୁ ଶିକ୍ଷା ଲାଭ କରି ମନୁଷ୍ୟ ବିଫଳତା ଦ୍ୱାରା ଭାଙ୍ଗିନପଡ଼ି ବାରମ୍ବାର ସଫଳତା ପାଇଁ ପ୍ରୟାସ କରିବା ଆବଶ୍ୟକ । କାରଣ ବାରମ୍ବାର ପ୍ରୟାସ ଦ୍ୱାରା ମନୁଷ୍ୟ ସଫଳ ହୋଇପାରିବ ।



# ନଗରନକ୍ସା
ମହାନଗରର ନିଜ ଭାଷା

ମଙ୍ଗଳବାର, ୧୫ ସେପ୍ଟେମ୍ବର, ୨୦୨୬




### ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ ନେଇ ସଚିବସ୍ତରୀୟ ବୈଠକ

# ଆଂଚଳିକ ବିକାଶ ଓ ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୯ (ମହାଭାରତ):** ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପକୁ ନେଇ ଶନିବାର ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳର ଗୁରୁତ୍ୱ ଉପରେ ଆଲୋକପାତ କରି ଏହା ଓଡ଼ିଶାର ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ବିକାଶ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। ଏହି ପ୍ରକଳ୍ପ ରାଜ୍ୟର 'ଦୃଷ୍ଟି ୨୦୩୬' ଓ 'ଦୃଷ୍ଟି ୨୦୪୭' ଲକ୍ଷ୍ୟ ପୂରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଏକ ସମନ୍ୱିତ ଆଂଚଳିକ ବିକାଶ ଦୃଷ୍ଟିକୋଣରେ ଏହି ଅଂଚଳର ଭିତ୍ତିଭୂମି, ନିବେଶ, ନିଯୁକ୍ତି ଓ ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ନେବା ସମ୍ଭବ ବୋଲି ମୁଖ୍ୟ ଶାସନ ସଚିବ କହିବା ସହ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମସ୍ତ ବିଭାଗର ସମନ୍ୱିତ ଓ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ବୈଠକରେ ପ୍ରକଳ୍ପର ବିଭିନ୍ନ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ପ୍ରାଥମିକତା ଘରୋଇ ଉତ୍ପାଦରେ ଉଲ୍ଲେଖନୀୟ ଯୋଗଦାନ କରିବ। ଆଂଚଳିକ ନିରନ୍ତର, ଆର୍ଥିକ ଓ ସମାବେଶୀ ବିକାଶ ପାଇଁ ଏହାକୁ ଏକ ବୈଶ୍ୱିକ ମଡେଲ୍ ମାଧ୍ୟମରେ ଏହି ଅଂଚଳକୁ ଏକ ସମାବେଶୀ, ସ୍ଥାୟୀ ଓ ବିଶ୍ୱସ୍ତରୀୟ ଅର୍ଥନୈତିକ ଅଂଚଳରେ ପରିଣତ କରାଯିବ ବୋଲି ସେ କହିଥିଲେ।



କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ସେ କହିଥିଲେ ଯେ ଏହି ଅର୍ଥନୈତିକ ଅଂଚଳ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲରେ ଓଡ଼ିଶାର ମୋଟ ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି। ବହୁମୁଖୀ ପରିବହନ ବ୍ୟବସ୍ଥା, ସୁଲଭ ଆବାସ, ଜଳବାୟୁ-ସହନଶୀଳ ଭିତ୍ତିଭୂମି ଏବଂ ସହରୀ ପୁନରୁଦ୍ଧାର ଭଳି କ୍ଷେତ୍ରରେ ସମନ୍ୱିତ ପଦକ୍ଷେପ

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ ଭାରତ ସରକାରଙ୍କ 'ସିଟି ଇକୋନୋମିକ୍ ରିଜିଅନ୍' ଯୋଜନା ଅଧୀନରେ ପ୍ରସ୍ତୁତ ଦେଶର ଚାରିଟି ପ୍ରମୁଖ ପାଇଲଟ୍ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ। ଏହି ପ୍ରକଳ୍ପ ପାଇଁ ବିଭିନ୍ନ ବିଭାଗର ସହଯୋଗରେ ନୀତି ଆୟୋଗ ଚିହ୍ନଟ କରିଥିବା ୧୯ଟି ବିଭାଗର ୨୬୯ଟି ପ୍ରକଳ୍ପ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱରର ସୂଚନା ପ୍ରଯୁକ୍ତି, ପାରମ୍ପରିକ ବ୍ୟବସାୟ, ପର୍ଯ୍ୟଟନ ଓ ସଂସ୍କୃତି ସହ ପାରାଦୀପର ବନ୍ଦରଭିତ୍ତିକ ଶିଳ୍ପ ଓ ଯୋଗାଣ ଶୃଙ୍ଖଳା କ୍ଷମତାକୁ ଏକତ୍ରିତ କରି ଅଂଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରାଯିବ। ବୈଠକରେ ଚିହ୍ନଟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ବିଭାଗୀୟ ସମନ୍ୱୟ, ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲ୍‌ରେ ପ୍ରକଳ୍ପ ମ୍ୟାପିଂ ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅର୍ଥନୈତିକ ଅଂଚଳ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର—ଏହି ଚାରିଟି ଜିଲ୍ଲା ଏବଂ ଏହା ଅନ୍ତର୍ଭୁକ୍ତ ୧୯ଟି ସହରାଂଚଳକୁ ନେଇ ଗଠିତ। ଏହାକୁ ଏକ ସମାବେଶୀ, ବାସଯୋଗ୍ୟ ଓ ସ୍ଥାୟୀ ଅର୍ଥନୈତିକ ଅଂଚଳ ଭାବେ ବିକଶିତ କରିବାର ଲକ୍ଷ୍ୟ ରହିଛି। ପ୍ରକଳ୍ପ ଅଧୀନରେ ୪୦ ଲକ୍ଷରୁ ଅଧିକ ଅଣକୃଷି ନିଯୁକ୍ତି ସୃଷ୍ଟି ଏବଂ ୪୦୦ ବିଲିୟନ୍ ଡଲାରରୁ ଅଧିକ କର୍ପୋରେଟ୍ ନିବେଶ ଆକର୍ଷଣର ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ନେଇ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା ପାଇଁ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କକୁ ଅର୍ଥ ଯୋଗାଣ ସହଯୋଗୀ ଭାବେ ପ୍ରସ୍ତାବିତ କରାଯାଇଛି। ଏହି ପଦକ୍ଷେପକୁ ଏକ ସୁଦୃଢ଼ ଆନୁଷ୍ଠାନିକ ଢାଂଚା ଦେବା ପାଇଁ 'କ୍ୟାପିଟାଲ୍ ଇକୋନୋମିକ୍ ରିଜିଅନ୍ ଡେଭେଲପମେଣ୍ଟ ଅଥରିଟି' ଗଠନକୁ ନିକଟରେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି କର୍ତ୍ତୃପକ୍ଷ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଂଚଳରେ ଯୋଜନା ପ୍ରସ୍ତୁତି, ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ଅର୍ଥବ୍ୟବସ୍ଥା ଏବଂ ନିବେଶ ସଂଗ୍ରହ ଭଳି କାର୍ଯ୍ୟରେ ଏକୀକୃତ ଆଂଚଳିକ ପରିଚାଳନା ବ୍ୟବସ୍ଥା ସୁନିଶ୍ଚିତ କରିବ।

# ଓଡ଼ିଶାରେ ଅଟୋ ଇ-ଚାଲାଣ ବ୍ୟବସ୍ଥା ଲାଗୁ

**ଭୁବନେଶ୍ୱର,୧୪।୯ (ମହାଭାରତ):** ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି), ଯାନବାହନ ବୀମା ଏବଂ ବକେୟା ଇ-ଚାଲାଣକୁ ନେଇ ଇ-ଡିଟେକ୍ସନ ଆଧାରିତ ପ୍ରବର୍ତ୍ତନ ବ୍ୟବସ୍ଥା ଲାଗୁ କରାଯାଇଛି। ଏହି ବ୍ୟବସ୍ଥା ସେପ୍ଟେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ମୋଟର ଯାନ ଆଇନ, ୧୯୮୮ ଏବଂ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ ଅନୁସାରେ ସାର୍ବଜନୀନ ରାସ୍ତାରେ ଚଳାଚଳ କରୁଥିବା ସମସ୍ତ ଯାନବାହନ ପାଖରେ ପିୟୁସିସି ଏବଂ ବୀମା ସମେତ ବୈଧ ଆଇନଗତ ଦସ୍ତାବିଜ ରହିବା ବାଧ୍ୟତାମୂଳକ। ଇ-ଡିଟେକ୍ସନ ବ୍ୟବସ୍ଥା ମାଧ୍ୟମରେ ବୈଧ ପିୟୁସିସି କିମ୍ବା ବୀମା ବିନା ରାସ୍ତାରେ ଚଳାଚଳ କରୁଥିବା ଯାନବାହନକୁ ଇଲେକ୍ଟ୍ରୋନିକ୍ ଉପାୟରେ ଚିହ୍ନଟ କରାଯିବ। ନିୟମ ଉଲ୍ଲଂଘନ ଧରାପଡ଼ିଲେ ମୋଟର ଯାନ ଆଇନ ଏବଂ ନିର୍ଦ୍ଧାରିତ ଇଲେକ୍ଟ୍ରୋନିକ୍ ପ୍ରବର୍ତ୍ତନ ପ୍ରକ୍ରିୟା ଅନୁସାରେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ ଜାରି ହେବ। ପରିବହନ ବିଭାଗ ଯାନବାହନ ମାଲିକମାନଙ୍କୁ ରାସ୍ତାରେ ଗାଡ଼ି ଚଳାଇବା ପୂର୍ବରୁ ନିଜ ପିୟୁସିସି ଏବଂ ବୀମାର ବୈଧତା ଯାଂଚ କରିବା ସହ ଆବଶ୍ୟକ ହେଲେ ଏହାକୁ ନବୀକରଣ କରାଇବାକୁ ପରାମର୍ଶ ଦେଇଛି। ଅଧିସୂଚନାରେ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ର ନିୟମ ୧୬୭ର ମଧ୍ୟ ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁସାରେ, ନିର୍ଦ୍ଧାରିତ ସମୟସୀମାରୁ ଅଧିକ ସମୟ ଧରି ବକେୟା ରହିଥିବା ଚାଲାଣ ଥିବା ଯାନବାହନକୁ ସମ୍ପୃକ୍ତ ପୋର୍ଟାଲରେ ନଟ୍ ଟୁ ବି ଟ୍ରାଂଜାକଟେଡ ଭାବେ ଚିହ୍ନିତ କରାଯାଇପାରିବ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଧ୍ୟ ସ୍ପଷ୍ଟ କରିଛି ଯେ, ନିୟମ ୧୬୭ ଅନୁସାରେ ପିୟୁସି ପରୀକ୍ଷାକୁ ଏକ ଲେନଦେନ ଭାବେ ବିବେଚନା କରାଯାଏ। ଏହା ଅନୁସାରେ, ଯାନ ଆଧାରିତ ପିୟୁସି ପରୀକ୍ଷା ଆପ୍ଲିକେସନରେ ବକେୟା ଚାଲାଣ ଏବଂ ନଟ୍ ଟୁ ବି ଟ୍ରାଂଜାକଟେଡ ସ୍ଥିତି ଯାଂଚ କରାଯିବ। ବିଭାଗ ପକ୍ଷରୁ ବକେୟା ଇ-ଚାଲାଣ ଥିବା ଯାନବାହନ ମାଲିକମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଲାଣର ନିଷ୍ପତ୍ତି କରିବାକୁ ଅପିଲ କରାଯାଇଛି। ପରିବହନ ବିଭାଗ କହିଛି ଯେ, ଏହି ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ ବ୍ୟବସ୍ଥା ଟ୍ରାଫିକ୍ ଶୃଙ୍ଖଳା ସୁନିଶ୍ଚିତ କରିବା, ପରିବେଶ ସମ୍ବନ୍ଧୀୟ ନିୟମ ପାଳନ ବଢ଼ାଇବା, ତୃତୀୟ ପକ୍ଷର ସୁରକ୍ଷା ଏବଂ ସଡ଼କ ସୁରକ୍ଷାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଲାଗୁ କରାଯାଇଛି। ବିଭାଗ ଯାନବାହନ ମାଲିକମାନଙ୍କୁ ଅଧିକୃତ ସରକାରୀ ପୋର୍ଟାଲ ମାଧ୍ୟମରେ ନିଜର ଆଇନଗତ ଦସ୍ତାବିଜ ଏବଂ ବକେୟା ଇ-ଚାଲାଣର ସ୍ଥିତି ଯାଂଚ କରିବା ସହ ଆବଶ୍ୟକ ନିୟମ ପାଳନ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି।

# ଦେବ୍ରିଗଡ଼ ଦେଶରେ ସ୍ୱତନ୍ତ୍ର ପରିଚୟ ତିଆରି କରିଛି

**ଭୁବନେଶ୍ୱର,୧୪।୯ (ମହାଭାରତ):** ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଗସ୍ତ ଅବସରରେ ପ୍ରସିଦ୍ଧ 'ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ' ପରିଦର୍ଶନ କରିବା ସହ ଏଠାକୁ ଆସିଥିବା ଦେଶ-ବିଦେଶର ପର୍ଯ୍ୟଟକମାନଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସିତ ଦେବ୍ରିଗଡ଼ର 'ଧୋଡଡ୍ରାକୁସୁମ୍' ଗ୍ରାମକୁ ଯାଇ ସେଠାକାର ପ୍ରକୃତି ହୋମ-ଷ୍ଟେ ବୁଲି ଦେଖିବା ସହ ସ୍ଥାନୀୟ ମୈଥିଳୀ ଭୁଏଙ୍କୁ ସାକ୍ଷାତ୍ କରି ଆଲୋଚନା କରିଥିଲେ।



ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଦେବ୍ରିଗଡ଼ ଅଭୟାରଣ୍ୟର ଶାନ୍ତ, ସୁନ୍ଦର ଓ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ କିଛି ସମୟ ଅତିବାହିତ କରିବାର ଅନୁଭୂତି ଅତ୍ୟନ୍ତ ଅନନ୍ୟ। ଓଡ଼ିଶାର ଏହି ଅସୀମ ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ୍ୟପ୍ରାଣୀ ସମ୍ପଦ ଏବଂ ଇକୋ-ଟୁରିଜମ୍‌ର ସୁବ୍ୟବସ୍ଥାକୁ ନେଇ ଆସୁଥିବା ପର୍ଯ୍ୟଟକମାନଙ୍କ ମଧ୍ୟରେ ଥିବା ଉତ୍ସାହ ଓ ପ୍ରଶଂସା ଆନନ୍ଦଦାୟକ । ପର୍ଯ୍ୟଟନର ଅପାର ସମ୍ଭାବନା ରଖୁଥିବା ଏହି ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର 'ସ୍ୱଦେଶ ଦର୍ଶନ' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଠାରେ ପ୍ରାଚୀନ ଯୁଗର ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ଉପକରଣ ଓ କଳାକୃତିଗୁଡ଼ିକ ଏହାର ସାଂସ୍କୃତିକ ଗୁରୁତ୍ୱକୁ ଦ୍ୱିଗୁଣିତ କରୁଛି। ଏହିଭଳି ଅମୂଲ୍ୟ ପ୍ରାକୃତିକ ଓ ଐତିହାସିକ ସମ୍ପଦ ଆଜି ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ, 'ଧୋଡଡ୍ରାକୁସୁମ୍' ଭଳି ମାଟିଘର ନିର୍ମିତ ଅଭିନବ ପ୍ରକୃତି ହୋମ-ଷ୍ଟେ ପରିକଳ୍ପନା ରାଜସ୍ୱ ବୃଦ୍ଧି ସମେତ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିଦେଇଛି। ପୂର୍ବରୁ ସମ୍ପୂର୍ଣ୍ଣ ଭାବେ ଜଙ୍ଗଲ ଉପରେ ନିର୍ଭର କରୁଥିବା ସ୍ଥାନୀୟ ମାଆ-ଭଉଣୀମାନେ ଆଜି 'ଦେବ୍ରିଗଡ଼ ଇକୋ-ଟୁରିଜମ୍' ସହ ଯୋଡ଼ିହୋଇ ପରିବେଶ ସୁରକ୍ଷା କରିବା ସହ ନିଜର ଜୀବିକା ଅର୍ଜନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ପ୍ରେରଣାଦାୟୀ। ବନ୍ୟପ୍ରାଣୀ ସଂରକ୍ଷଣ, ଗ୍ରାମାଂଚଳର ବିକାଶ ଓ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ଗ୍ରାମବାସୀଙ୍କ ପ୍ରଶଂସନୀୟ ଉଦ୍ୟମକୁ 'ମନ୍ କୀ ବାତ୍' ମାଧ୍ୟମରେ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଗଭୀର ଧନ୍ୟବାଦ ଜଣାଇଛନ୍ତି । ପରିବେଶ ସୁରକ୍ଷା ସହିତ ଇକୋ-ଟୁରିଜମ୍‌ର ସମ୍ପ୍ରସାରଣ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାରର ନୂଆ ବାଟ ଖୋଲିବା ସହ ଜଙ୍ଗଲ ସୁରକ୍ଷା ଓ ନାରୀ ସଶକ୍ତିକରଣର ଏହି ଅନନ୍ୟ ପ୍ରୟାସ ନୂତନ ଓଡ଼ିଶାର ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ସାଂସଦ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

# ଶିଶୁ ସୁରକ୍ଷା ଓ ଥଇଥାନ ନେଇ ଆଲୋଚନାଚକ୍ର

**ଭୁବନେଶ୍ୱର,୧୪।୯ (ମହାଭାରତ):** କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ର କାର୍ଯ୍ୟକାରିତାର ଏକ ଦଶନ୍ଧି ପୂର୍ତ୍ତି ଅବସରରେ ଶିଶୁ ସୁରକ୍ଷା, ଥଇଥାନ ଓ ନିବାରଣ ବ୍ୟବସ୍ଥାକୁ ନେଇ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । "କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫: କାର୍ଯ୍ୟକାରିତାର ଏକ ଦଶନ୍ଧି ଏବଂ ଆଗାମୀ ପନ୍ଥା" ଶୀର୍ଷକ ଏହି ଆଲୋଚନାଚକ୍ରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବିଚାରପତି ହରିଶ ଟଣ୍ଡନ, କିଶୋର ନ୍ୟାୟ କମିଟିର ଅଧ୍ୟକ୍ଷା ବିଚାରପତି ସାବିତ୍ରୀ ରଥୋ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲ ଏବଂ ୟୁନିସେଫ୍ ଓଡ଼ିଶାର ଫିଲ୍ଡ ଅଫିସ୍ ମୁଖ୍ୟ ପ୍ରଶାନ୍ତ ଦାଶଙ୍କ ସମେତ ବରିଷ୍ଠ ନ୍ୟାୟିକ ଅଧିକାରୀ, ସରକାରୀ ଓ ପୁଲିସ ଅଧିକାରୀ, ଶିଶୁ ଅଧିକାର ବିଶେଷଜ୍ଞ ଏବଂ ବେସରକାରୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ବିଚାରପତି ବିଚାରପତି ହରିଶ ଟଣ୍ଡନ କିଶୋର ନ୍ୟାୟ ବ୍ୟବସ୍ଥାରେ ନିବାରଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ସେ କହିଥିଲେ, କିଶୋର ନ୍ୟାୟର କେନ୍ଦ୍ରବିନ୍ଦୁରେ ନିବାରଣ ବ୍ୟବସ୍ଥା ରହିବା ଆବଶ୍ୟକ। ତୃଣମୂଳ ସ୍ତରରେ ରହିଥିବା ଦୁର୍ବଳତାଗୁଡ଼ିକର ସମାଧାନ କରାଗଲେ ଶିଶୁମାନେ ଆଇନ ସହ ସଂଘର୍ଷରେ ଆସିବା କିମ୍ବା ଆନୁଷ୍ଠାନିକ ଯତ୍ନ ବ୍ୟବସ୍ଥାରେ ପ୍ରବେଶ କରିବାରୁ ରୋକାଯାଇପାରିବ ବୋଲି ସେ ମତ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ବିଚାରପତି ସାବିତ୍ରୀ ରଥୋ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲ କିଶୋର ନ୍ୟାୟ ଆଇନ ଓ ଓଡ଼ିଶାରେ ଏହାର କାର୍ଯ୍ୟକାରିତା ନେଇ ଆଲୋକପାତ କରିଥିଲେ। ୟୁନିସେଫ୍ ଓଡ଼ିଶାର ଫିଲ୍ଡ ଅଫିସ୍ ମୁଖ୍ୟ ପ୍ରଶାନ୍ତ ଦାଶ ଆଇନର ଦଶ ବର୍ଷର କାର୍ଯ୍ୟକାରିତା ଓ ନିବାରଣମୂଳକ ଆଭିମୁଖ୍ୟ ଉପରେ ମତ ରଖିଥିଲେ। ଆଲୋଚନାଚକ୍ରରେ ଚାରିଟି ପ୍ୟାନେଲ୍ ମାଧ୍ୟମରେ ଶିଶୁ ସୁରକ୍ଷା ଓ କିଶୋର ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରମୁଖ ପ୍ରସଙ୍ଗ ଉପରେ ବୈଷୟିକ ଆଲୋଚନା ହୋଇଥିଲା। ପ୍ରଥମ ପ୍ୟାନେଲରେ ଆଇନ ସହ ସଂଘର୍ଷରେ ଥିବା ଶିଶୁମାନଙ୍କର ଅଧିକାର, ଜଘନ୍ୟ ଅପରାଧରେ ପ୍ରାଥମିକ ଆକଳନ ଏବଂ ଥଇଥାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଓଡ଼ିଶା ପୁଲିସର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ସାଇନି ଏସ୍, ଖୋର୍ଦ୍ଧା ଶିଶୁ ଅଦାଲତର ଅତିରିକ୍ତ ଜିଲ୍ଲା ଜଜ୍ ତଥା ବିଚାର ବିଭାଗୀୟ ଅଧିକାରୀ ହର ପ୍ରସାଦ ପଟ୍ଟନାୟକ, ରାୟଗଡ଼ା କିଶୋର ନ୍ୟାୟ ବୋର୍ଡର ପ୍ରଧାନ ମାଜିଷ୍ଟ୍ରେଟ୍ ତଥା ସିଭିଲ୍ ଜଜ୍ ଆଶିଷ ପଟ୍ଟନାୟକ, ୟୁନିସେଫ୍‌ର ଶିଶୁ ସୁରକ୍ଷା ବିଶେଷଜ୍ଞ ମନନ ବିଶ୍ୱାସ ଏବଂ ସମ୍ବଲପୁରର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁସ୍ମିତା ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପ୍ୟାନେଲରେ ଶିଶୁ କଲ୍ୟାଣ ସମିତିର କାର୍ଯ୍ୟକାରିତା, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁମାନଙ୍କର ଥଇଥାନ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ନିମିଷା ଶ୍ରୀବାସ୍ତବ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଡ. ଏନ୍. ଥିରୁମାଲା ନାୟକ, ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନଙ୍କ ସମେତ ପୁଲିସ ଓ ଶିଶୁ ସୁରକ୍ଷା ବିଭାଗର ଅଧିକାରୀମାନେ ଆଲୋଚନାରେ ଅଂଶ ନେଇଥିଲେ। ତୃତୀୟ ପ୍ୟାନେଲରେ ପରିବାର ସୁଦୃଢ଼ୀକରଣ, ପୋଷ୍ୟ ସନ୍ତାନ ଗ୍ରହଣ ଓ ପାଳକ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଭାତ କୁମାରଙ୍କ ପରିଚାଳନାରେ ହୋଇଥିବା ଏହି ଆଲୋଚନାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଏବଂ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି. ପ୍ରମୁଖ ଯୋଗ ଦେଇଥିଲେ।

# ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା

**ଭୁବନେଶ୍ୱର,୧୪।୯ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ଇତିହାସର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ପ୍ରଶାନ୍ତ କୁମାର ଦାସ, ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୟୁନିସେଫ୍ ର ଫିଲ୍ଡ ଅଫିସ୍ ଚିଫ୍ ଶ୍ରୀ ଦାସ କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ଅପରାଧଠାରୁ ଦୂରେଇ ରଖିବା ପାଇଁ ସେମାନଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ କହିଛନ୍ତି । ୟୁନିସେଫ୍ ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ ଉଦବୋଧନ ଦେଇ ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କର୍ମଶାଳାରୁ ଜ୍ଞାନ ଆହରଣ କରି ଛାତ୍ରଛାତ୍ରୀଙ୍କ ବିକାଶରେ ବ୍ୟବହାର କରିବାକୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ କରିବାରେ ସହାୟକ ହୋଇଥାଏ । ପାଠ ପଢାଇବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ରଚିକୁ ପ୍ରାଧାନ୍ୟ ଦେବାକୁ ସେ ଗୁରୁତ୍ୱାରୋପ କରିଛନ୍ତି । ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତି ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯିବ । ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୭ ରୁ ସେପ୍ଟେମ୍ବର ୧୧ ତାରିଖ ଯାଏଁ ଅନୁଷ୍ଠିତ ହେଉଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ସେପ୍ଟେମ୍ବର ୨୧ ରୁ ସେପ୍ଟେମ୍ବର ୨୫ ତାରିଖ ଯାଏଁ ଅନୁଷ୍ଠିତ ହେବ।

# ଧାନ କିଣା ପଞ୍ଜୀକରଣ ପାଇଁ ବଢ଼ିବ ନାହିଁ ସମୟସୀମା

**ଭୁବନେଶ୍ୱର,୧୪।୯ (ମହାଭାରତ):** ଓଡ଼ିଶାରେ ଚଳିତ ଖରିଫ ଋତୁରେ ସରକାରୀ ସ୍ତରରେ ଧାନ ବିକ୍ରି କରିବା ପାଇଁ ରେକର୍ଡ ସଂଖ୍ୟକ ୨୧,୪୨,୭୨୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସୋମବାର ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜୀକରଣର ସମୟସୀମା ଆଉ ବଢ଼ାଯିବ ନାହିଁ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପୂର୍ବରୁ ପଞ୍ଜୀକରଣ ପାଇଁ ଅତିରିକ୍ତ ୭ ଦିନ ସମୟ ଦେଇଥିଲେ। ସେ କହିଛନ୍ତି ଯେ, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିନାହାନ୍ତି, ସେମାନେ ସୋମବାର ରାତି ୧୧ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ପୂରା କରିପାରିବେ। ଏହାପରେ ପଞ୍ଜୀକରଣର ସମୟସୀମା ସ୍ଥାୟୀ ଭାବେ ଶେଷ ହୋଇଯିବ। ସାମନ୍ତ କହିଛନ୍ତି ଯେ, ଗତବର୍ଷ ଧାନ ବିକ୍ରି ପାଇଁ ପ୍ରାୟ ୧୯.୬୭ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ୨୧ ଲକ୍ଷ ଅତିକ୍ରମ କରିଛି, ଯାହା ରାଜ୍ୟରେ ଏପର୍ଯ୍ୟନ୍ତର ସର୍ବାଧିକ ପଞ୍ଜୀକରଣ।

ସେ କହିଛନ୍ତି ଯେ, ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଏଥିସହ ପଞ୍ଜୀକରଣ ପ୍ରସଙ୍ଗରେ ବିରୋଧୀ ଦଳ ପକ୍ଷରୁ ଆନ୍ଦୋଳନର ଚେତାବନୀ ଦିଆଯାଇଥିବା ନେଇ ମଧ୍ୟ ମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି।ସମବାୟ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସାରର ଉପଲବ୍ଧତା ଓ ବଂଟନ ବ୍ୟବସ୍ଥା ଉପରେ ସରକାର ନିରନ୍ତର ନଜର ରଖିଛନ୍ତି।

ସେ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୨୪,୪୦୦ ଟନ୍ ସାର ମହଜୁଦ ରହିଛି। ସାର ବଂଟନରେ ଅବହେଳା କରୁଥିବା ଡିଲରମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ଉଲ୍ଲଂଘନର ଗମ୍ଭୀରତା ଅନୁଯାୟୀ ସମ୍ପୃକ୍ତ ଡିଲରମାନଙ୍କ ଲାଇସେନ୍ସ ନିଲମ୍ବନଠାରୁ ଆରମ୍ଭ କରି ରଦ୍ଦ କରିବା ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

# ଧାମନଗର ଏନ୍‌ଏସିରେ ଫର୍ମ-୭ ଅନିୟମିତତାର ତଦନ୍ତ ଦାବି

**ଭୁବନେଶ୍ୱର,୧୪।୯ (ମହାଭାରତ):** ଧାମନଗର ଏନ୍‌ଏସିରେ ମତଦାତା ତାଲିକାର ଯାଂଚ ପ୍ରକ୍ରିୟା ସମୟରେ ଫର୍ମ-୭ ଆବେଦନର ଅପବ୍ୟବହାର ନେଇ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛି ବିଜୁ ଜନତା ଦଳ । ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଫର୍ମ-୭ର ଅପବ୍ୟବହାର ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବିଜେଡି । ଏହି ପରିପ୍ରେକ୍ଷୀରେ ଯାଂଚ ପ୍ରକ୍ରିୟାରେ ନିୟୋଜିତ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ପକ୍ଷରୁ ଧାମନଗର ଏନ୍‌ଏସି ସମ୍ପର୍କରେ ଧାମନଗର ଥାନାରେ ଦାଖଲ ହୋଇଥିବା ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ଅଭିଯୋଗରେ ଥିବା ତଥ୍ୟ ଅନୁଯାୟୀ, ଧାମନଗର ଏନ୍‌ଏସିର ନିର୍ବାହୀ ଅଧିକାରୀ-ସହକାରୀ ସହାୟକ ନିର୍ବାଚନ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ ଫର୍ମ-୭ ସମ୍ପର୍କିତ କାର୍ଯ୍ୟକଳାପରେ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ଉପରେ ଚାପ ପକାଉଛନ୍ତି । ଏଥିରେ ଏକକାଳୀନ ପାସୱାର୍ଡ ହାସଲ କରିବା ଏବଂ ନିର୍ଦ୍ଧାରିତ ନିର୍ବାଚନୀ ପ୍ରକ୍ରିୟା ଓ ସୁରକ୍ଷା ବ୍ୟବସ୍ଥା ପାଳନ ନକରି ମତଦାତାମାନଙ୍କ ନାମ ବାଦ୍ ଦେବା ପାଇଁ ପ୍ରୟାସ କରାଯାଇଛି । ଏପରି ନିଦ୍ଦେ୍ରଶ ପାଳନ କରିବାକୁ ଅମଙ୍ଗ ହୋଇଥିବା ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନର ଜଣେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରାଇବାକୁ ଦାବି କରିଛି ବିଜେଡି । ତଦନ୍ତରେ ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ ଫର୍ମ-୭ ଆବେଦନ ସମ୍ପର୍କରେ କୌଣସି ମୌଖିକ କିମ୍ବା ଲିଖିତ ନିଦ୍ଦେ୍ରଶ ଦିଆଯାଇଥିଲା କି ନାହିଁ, ସେହି ନିଦ୍ଦେ୍ରଶ ପ୍ରଚଳିତ ନିର୍ବାଚନୀ ପ୍ରକ୍ରିୟା ସହ ସମନ୍ୱିତ ଥିଲା କି ନାହିଁ ଏବଂ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାରେ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାକୁ ଚେଷ୍ଟା କରାଯାଇଥିଲା କି ନାହିଁ, ତାହା ଯାଂଚ କରାଯିବା ଉଚିତ । ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ଶ୍ରୀ ସନ୍ତୋଷ କୁମାର ନାୟକଙ୍କୁ ଫର୍ମ-୭ ସମ୍ପର୍କିତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଉ । ଧାମନଗର ଏନ୍‌ଏସି ସମ୍ପର୍କିତ ଫର୍ମ-୭ ଆବେଦନ, ଏକକାଳୀନ ପାସୱାର୍ଡ ସମ୍ପର୍କିତ ରେକର୍ଡ, ଡିଜିଟାଲ ଓ ବୈଦ୍ୟୁତିକ ତଥ୍ୟ, ସ୍ୱୀକୃତିପତ୍ର, ସହାୟକ ଦଲିଲ, ବୁଥ୍ସ୍ତରୀୟ ଅଧିକାରୀଙ୍କ ରିପୋର୍ଟ, ସରକାରୀ ନିଦ୍ଦେ୍ରଶ, ଯୋଗାଯୋଗ ଏବଂ ବୈଠକ ସମ୍ପର୍କିତ ରେକର୍ଡ ଅନ୍ତର୍ଭୁକ୍ତ ହେବା ଉଚିତ । ଫର୍ମ-୭ ମାଧ୍ୟମରେ ଯେଉଁ ସମସ୍ତ ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ପ୍ରସ୍ତାବ ରହିଛି କିମ୍ବା ବାଦ୍ ଦିଆଯାଇଛି, ସେମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଭାବେ ପୁନଃ ଯାଂଚ କରାଯିବା ଉଚିତ । ବିଶେଷକରି ଯେଉଁଠାରେ ସମ୍ପୃକ୍ତ ମତଦାତା ନିଜ ନାମ ବାଦ୍ ଦିଆଯିବାକୁ ନେଇ ଆପତ୍ତି ଉଠାଇଛନ୍ତି କିମ୍ବା କୌଣସି ପ୍ରକ୍ରିୟାଗତ ଅନିୟମିତତା ଚିହ୍ନଟ ହୋଇଛି, ସେଠାରେ ପୁନଃ ଯାଂଚ କରାଯାଉ । ବିଜୁ ଜନତା ଦଳ ଗୁରୁତ୍ୱାରୋପ କରିଛି ଯେ, ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତା ପାଇଁ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ସ୍ୱାଧୀନତା ଓ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ।



# ଦେଶର ଭବିଷ୍ୟତ ଅନ୍ଧକାର

ପ୍ରତି ବର୍ଷ ମାଟ୍ରିକ, ଯୁକ୍ତ ଦୁଇ ବା ଅନ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇନଥିବା ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏବେ ଅବଶ୍ୟ ପରୀକ୍ଷାରେ ଆଉ ପ୍ରାୟ କେହି ଫେଲ ହେଉ ନାହାଁନ୍ତି। ତେଣୁ ଆତ୍ମହତ୍ୟା ହାର କମିଛି। କିନ୍ତୁ ତଥାପି ଏହା ଜାରି ରହିଛି। ଅନେକ ସମୟରେ ନିଜ ପିତା-ମାତାଙ୍କ ଆଶା ଆକାଂକ୍ଷା ପୂରଣ କରିନପାରିବା ଦୁଃଖରେ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଛନ୍ତି। ଏହାକୁ ରୋକିବା ଶିକ୍ଷକ ଏବଂ ଅଭିଭାବକଙ୍କର ଦାୟିତ୍ୱ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଆଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରିବାକୁ ପ୍ରୋତ୍ସାହନ ନିହାତି ଆବଶ୍ୟକ। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ୍ୟ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ୍ୟ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ୍ୟ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡ଼ିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ।

# ଓଡ଼ିଶା: ଆମେ କେଉଁଠି ?

॥ ଡ. ସୁନୀତି ମୁଣ୍ଡ ॥

ଦ୍ୱିତୀୟରେ ଆସୁଛି କୃଷି। ଆମେ ସମସ୍ତେ ଜାଣିଛେ, ଆମ ରାଜ୍ୟ ସମୁଦ୍ର ଉପକୂଳବର୍ତ୍ତୀ ଏବଂ ଏହା ସାମ୍ପ୍ରତିକ ସମୟରେ ପ୍ରତିବର୍ଷ ଏକାଧିକ ଥର ପ୍ରତିକୂଳ ପାଗ ପରିସ୍ଥିତି, ଝଡବାତ୍ୟା ଆଦିର ସମ୍ମୁଖୀନ ହେଉଛି। ଏହାର ସିଧାସଳଖ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡୁଛି। କୃଷି ପାଇଁ ମୁଖ୍ୟ ଆବଶ୍ୟକତା ହେଉଛି ଜଳସେଚନ। କିନ୍ତୁ ଆମେ ଏବେ ବି ଚାଷ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛୁ। ତାହା ପ୍ରତିବର୍ଷ ଅନିୟମିତ ହେବାରେ ଲାଗିଛି। କୃଷି ଉତ୍ପାଦନ ବୃଦ୍ଧିପାଇଁ ଆମେ ହାଇବ୍ରିଡ ବିହନ ସହିତ ରାସାୟନିକ ସାର ଓ କୀଟନାଶକ ବହୁ ଭାବରେ ଜମିରେ ପ୍ରୟୋଗ କରିଚାଲିଛେ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୯ ବର୍ଷପରେ ଆମେ ଯେତେବେଳେ ଏହା କେତେଦୂର ବିକାଶ କରିଛି ପ୍ରସଙ୍ଗ ଉପରେ ଆଲୋଚନା କରୁଛେ, ତେବେ ଏଠି ଧରିନେବାକୁ ହେବ ଯେ ଏଯାଏ ଆମେ ଆମର ଆକାଂକ୍ଷିତ ବିକାଶର ଚିତ୍ର ଦେଖିନାହୁଁ। ତାହା ନହେଲେ ଆଜି ଆମେ ୮୭ ବର୍ଷ ଓଡ଼ିଶାରେ ବିକାଶ କଥା ସିଧାସଳଖ ଆଲୋଚନା କରୁଥାନ୍ତେ। ଏକଥା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିହେବ ନାହିଁ ଯେ ରାଜ୍ୟର ବିକାଶ ହୋଇନାହିଁ, କିନ୍ତୁ ଏହାକୁ ଆକାଂକ୍ଷିତ ବିକାଶ କୁହାଯାଇପାରିବ ନାହିଁ। ଏହାର କାରଣ ଏକାଧିକ ହୋଇପାରେ। ରାଜନୈତିକ, ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଆଦି ବିଭିନ୍ନ କାରଣ ରହିଛି ବୋଲି କୁହାଯାଇପାରିବ। ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ଦେଖିଲେ କଂଗ୍ରେସ ଅଧିକ ବର୍ଷ ଶାସନ କ୍ଷମତାରେ ରହିଥିବାବେଳେ ଏବେ କ୍ରମାଗତ ପ୍ରାୟ ୨୪ବର୍ଷ ଧରି ବିଜେଡି କ୍ଷମତାରେ ରହିଛି। ହରେକୃଷ୍ଣ ମହତାବ, ବିଜୁ ପଟନାୟକ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିଶ୍ୱନାଥ ଦାସ, ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟନାୟକଙ୍କ ଭଳି ରାଜନୀତିରେ ଅଭିଜ୍ଞ, ଦୂରଦର୍ଶୀ ନେତୃବୃନ୍ଦ ଓଡ଼ିଶାର ଶାସନ ଭାର ସମ୍ଭାଳିଛନ୍ତି। ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ରାଜ୍ୟ ଶାସନ ଦାୟିତ୍ୱରେ ଅଛନ୍ତି।

ଓଡ଼ିଶା କଥା ବିଚାରକଲେ ଏହାର ସମ୍ବଳ ହେଉଛି କୃଷି ଓ ଖଣିଜ ପଦାର୍ଥ। ଦୀର୍ଘବର୍ଷ ଧରି ଆମ ରାଜ୍ୟରୁ କୋଟି କୋଟି ଟନ୍ ଲୁହାପଥର, କୋଇଲା, ମାଙ୍ଗାନିଜ ଆଦି ଖଣିଜ ପଦାର୍ଥ ବିଦେଶକୁ ଶାଗମାଛ ଦରରେ ରପ୍ତାନି କରାଯାଇଛି। ତାହାର ଉପଯୋଗିତା ନିମନ୍ତେ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରାଯାଇନଥିଲା। ଏବେ ସେହି ସମସ୍ୟା ଦୂର ହୋଇଛି। ଧାତୁ ପଥରରୁ ଧାତୁ ନିଷ୍କାସନ ନିମନ୍ତେ ଆମ ରାଜ୍ୟରେ ଏକାଧିକ ବୃହତ୍ ଶିଳ୍ପ ସ୍ଥାପନ ହୋଇଛି। କିନ୍ତୁ ତାହାକୁ ଉପଯୋଗ କରି ମୂଲ୍ୟଯୁକ୍ତ ପଦାର୍ଥ ତିଆରି ଶିଳ୍ପ ଆମ ରାଜ୍ୟରେ ନାହିଁ। ଗୋଟିଏ ଲୁହା କାରଖାନା ବା ଆଲୁମିନିୟମ ସ୍ମେଲ୍‌ଟର ଓ ବିଶୋଧନାଗାରରୁ ଉତ୍ପାଦିତ ଧାତୁକୁ ଉପଯୋଗ କରି ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସ୍ଥାପନ କରାଯାଇପାରିବ, ଯାହା ୮୭ ବର୍ଷର ଓଡ଼ିଶାରେ ସମ୍ଭବ ହୋଇନାହିଁ। ପାରାଦୀପରେ ତୈଳ ବିଶୋଧନାଗାର ମଧ୍ୟ ସ୍ଥାପିତ ହୋଇଛି। କିନ୍ତୁ ପେଟ୍ରୋଲିୟମ ବିଶୋଧନ ପରେ ପ୍ରସ୍ତୁତ କରାଯାଉଥିବା ପ୍ଲାଷ୍ଟିକ ଏବଂ ସେଥିରୁ ତିଆରି ହେଉଥିବା ସାମାନ୍ୟ ବୋତାମ, ଲୁହାରୁ ପ୍ରସ୍ତୁତ ଛୁଂଚି ଉପରେ ମଧ୍ୟ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ବୃହତ ଶିଳ୍ପ ବା କାରଖାନାରେ ନିଯୁକ୍ତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ରାଜ୍ୟ ବାହାରର। ଅଥଚ ଆନୁଷଙ୍ଗିକ ଶିଳ୍ପ ସ୍ଥାପନ ହେଲେ ସେଥିରେ ଅନେକ ସଂଖ୍ୟାରେ ସ୍ଥାନୀୟ ଯୁବକ ଯୁବତୀ ନିଯୁକ୍ତି ପାଇପାରନ୍ତେ। ଯାହା ସେମାନଙ୍କ ପରିବାର ପାଇଁ ଆର୍ଥିକ ସ୍ୱଚ୍ଛଳତା ଆଣିବା ସହିତ ରାଜ୍ୟର ଅର୍ଥନୈତିକ, ସାମାଜିକ ଆଦି ସବୁକ୍ଷେତ୍ରରେ ବିକାଶ ଘଟାଇପାରନ୍ତା। ଏ କ୍ଷେତ୍ରରେ ଗମ୍ଭୀରତାର ସହିତ ଚିନ୍ତା ଓ ଆଲୋଚନା କରିବାର ଆବଶ୍ୟକତା ରହିଛି।

ଦ୍ୱିତୀୟରେ ଆସୁଛି କୃଷି। ଆମେ ସମସ୍ତେ ଜାଣିଛେ, ଆମ ରାଜ୍ୟ ସମୁଦ୍ର ଉପକୂଳବର୍ତ୍ତୀ ଏବଂ ଏହା ସାମ୍ପ୍ରତିକ ସମୟରେ ପ୍ରତିବର୍ଷ ଏକାଧିକ ଥର ପ୍ରତିକୂଳ ପାଗ ପରିସ୍ଥିତି, ଝଡବାତ୍ୟା ଆଦିର ସମ୍ମୁଖୀନ ହେଉଛି। ଏହାର ସିଧାସଳଖ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡୁଛି। କୃଷି ପାଇଁ ମୁଖ୍ୟ ଆବଶ୍ୟକତା ହେଉଛି ଜଳସେଚନ। କିନ୍ତୁ ଆମେ ଏବେ ବି ଚାଷ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛୁ। ତାହା ପ୍ରତିବର୍ଷ ଅନିୟମିତ ହେବାରେ ଲାଗିଛି। କୃଷି ଉତ୍ପାଦନ ବୃଦ୍ଧିପାଇଁ ଆମେ ହାଇବ୍ରିଡ ବିହନ ସହିତ ରାସାୟନିକ ସାର ଓ କୀଟନାଶକ ବହୁ ଭାବରେ ଜମିରେ ପ୍ରୟୋଗ କରିଚାଲିଛେ। ଏହାଦ୍ୱାରା ଉତ୍ପାଦନ ଯେତିକି ହେଉଛି, ସେହି ଅନୁପାତରେ ଜମି ତାହାର ନିଜସ୍ୱ ଉର୍ବରତା ଶକ୍ତି ହରାଇ ବସୁଛି। ବିନା ରାସାୟନିକ ସାର ଓ କୀଟନାଶକରେ ଫସଲ ଫଳିବା ଆଉ ସମ୍ଭବ ନୁହେଁ। ସରକାରଙ୍କ ପକ୍ଷରୁ ସାର ଓ କୀଟନାଶକ ପ୍ରୟୋଗକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଜମିର ଉର୍ବରତା କିଭଳି ବଜାୟ ରହିବ, ସବୁଜମିକୁ ବର୍ଷ ତମାମ କିଭଳି ଜଳସେଚନ ସୁବିଧା ଦିଆଯାଇପାରିବ, ସେ ଦିଗରେ ପଦକ୍ଷେପ ସନ୍ତୋଷଜନକ ନୁହେଁ। ଏସବୁ ବାଦ୍ ଚାଷୀ ଯାହା ବି ଅମଳ କରୁଛି ତାହା ସାଇତି ରଖିବାକୁ ଶୀତଳ ଭଣ୍ଡାର କି ଗୋଦାମ ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏଥିରେ ତାକୁ ତାର ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ସରକାରୀସ୍ତରରେ ନିଯୁକ୍ତି ସଙ୍କୁଚିତ ହେଉଥିବାବେଳେ ଘରୋଇ କ୍ଷେତ୍ରରେ ସେହି ଅନୁପାତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ଫଳରେ ଓଡ଼ିଶାର ଯୁବବର୍ଗ ଅନ୍ୟ ରାଜ୍ୟରେ ଶ୍ରମିକ ଭାବରେ ଖଟୁଛନ୍ତି। ଏହିଭଳି ନାନା କାରଣ ପାଇଁ ରାଜ୍ୟର ସଂଖ୍ୟାଗରିଷ୍ଠ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଯାହା ପ୍ରକାରାନ୍ତରେ ସେହି ପରିବାରଗୁଡିକର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଚଳଣି, କ୍ରୟ କରିବାର କ୍ଷମତା ଆଦିକୁ ପ୍ରଭାବିତ କରୁଛି। ମୋଟ ଉପରେ ଏହା ରାଜ୍ୟର ସାମଗ୍ରିକ ବିକାଶକୁ ମଧ୍ୟ ମନ୍ଥର କରୁଛି। ସରକାରୀ ସ୍ତରରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦରେ ପ୍ରତିବର୍ଷ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ପ୍ରତିବର୍ଷ ଏହିସବୁ କ୍ଷେତ୍ରରେ ସମସ୍ୟା ବଢିବାରେ ଲାଗୁଛି। ଏହି କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁବିଧା ସୁଯୋଗ ପାଇବା କ୍ଷେତ୍ରରେ ମଧ୍ୟ ତାରତମ୍ୟ ବଢୁଛି। ଭୋଟ ରାଜନୀତିରେ ଲୋକଙ୍କୁ କର୍ମଠ ଓ ଉତ୍ପାଦନକ୍ଷମ ନକରି ସେମାନଙ୍କୁ ମାଗଣା ଖାଇବାର ଅଭ୍ୟାସ ଆରମ୍ଭ ହୋଇଛି, ଯାହା ପ୍ରକାରାନ୍ତରେ ସରକାରଙ୍କର ଚିନ୍ତା ବଢାଉଛି। ଭୋଟ ପାଇବାକୁ କୌଣସି ସରକାର ଏହି ସୁବିଧା ବନ୍ଦ କରିବାକୁ ଚାହୁନାହାନ୍ତି ଏବଂ ସେମାନଙ୍କ ପାଇଁ ଟିକସ ବାବଦ ଆୟର ଏକ ବିଶାଳ ଭାଗ ଖର୍ଚ୍ଚ କରାଯାଉଛି। ଯାହାକୁ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବିନିଯୋଗ କରାଯାଇ ସମସ୍ତଙ୍କ ପାଇଁ ସମାନ ସୁବିଧା ସୁଯୋଗ ସୃଷ୍ଟି କରାଯାଇପାରନ୍ତା।

ଆଉ ଏକ ମୁଖ୍ୟ କଥା ହେଉଛି ଜନସାଧାରଣଙ୍କ ମାନସିକତା। ଆମ ଭିତରେ କ୍ରମଶଃ ଏକ ଧାରଣା ଦୃଢୀଭୂତ ହୋଇଛି ଯେ ସରକାର ଆମର ସବୁକିଛି କରିବେ। ଫଳରେ ଆମେ ଆଉ ନିଜେ କିଛି ନକରି ସବୁ କ୍ଷେତ୍ରରେ ସରକାରଙ୍କ ମୁଣ୍ଡରେ ଦୋଷ ଲଦି ଚାଲିଛୁ। ଆମର ତଥାକଥିତ ବୁଦ୍ଧିଜୀବୀ ଓ ଚିନ୍ତାନାୟକମାନେ ମଧ୍ୟ ଏ କ୍ଷେତ୍ରରେ ନୀରବ। ଯେଉଁମାନେ ଆଇନ ପ୍ରଣୟନ କରୁଛନ୍ତି, ସେମାନେ ଦଳମତ ନିର୍ବିଶେଷରେ ଯଦି ରାଜ୍ୟର ସାମଗ୍ରିକ ବିକାଶ କଥା ଚିନ୍ତା କରନ୍ତେ ଏବଂ ତାହାକୁ କାର୍ଯ୍ୟକାରୀ କରିବାକୁ ଏକନିଷ୍ଠ ଉଦ୍ୟମ କରନ୍ତେ, ତେବେ ହୁଏତ ଆମେ ଆଜି ଦେଶର ବିକଶିତ ରାଜ୍ୟଗୁଡିକ ମଧ୍ୟରେ ଆଗରେ ରହିଥାନ୍ତେ। ଆଉ ପ୍ରାୟ ୨୪ବର୍ଷ ପରେ ଆମେ ସ୍ୱାଧୀନ ରାଷ୍ଟ୍ର ଭାବରେ ୧୦୦ ବର୍ଷରେ ପଦାର୍ପଣ କରିବା। ଲୋକବଳ, ଖଣିଜ ସମ୍ପଦ, କୃଷି କ୍ଷେତ୍ରରେ ସଫଳତା, ଶିକ୍ଷା, ବୈଜ୍ଞାନିକ ଗବେଷଣା ଆଦିରେ ଅଗ୍ରଣୀ ଥିବା ଶହେ ବର୍ଷର ଏକ ସ୍ୱାଧୀନ ରାଷ୍ଟ୍ର ଯଦି ବିକାଶର ଶୀର୍ଷରେ ପହଂଚି ନପାରିଲା, ତେବେ ତାହାଠାରୁ ବଳି ଦୁଃଖ ଆଉ କିଛି ନାହିଁ। ଏବେ ଆମକୁ ଏହି ବିଷୟର ତର୍ଜମା କରି ସମସ୍ତଙ୍କୁ ହାତରେ ହାତ ମିଳାଇ ଆଗେଇ ଆସିବାକୁ ହେବ। ଆମ ଭିତରେ ମତପାର୍ଥକ୍ୟ ରହୁ, କିନ୍ତୁ ମନୋମାଳିନ୍ୟ ନହେଉ। ସାମୂହିକ ବିକାଶ ଆମର ଲକ୍ଷ୍ୟ ହେଉ।

-୯୭୭୮୩୧୧୫୩୩

# ଆଦର୍ଶ ମହାପୁରୁଷ ଗୋଦାବରୀଶ ମିଶ୍ର

॥ ଇଂ. ଶାଶ୍ୱତ ରଞ୍ଜନ ଦାସ ॥

ଗୋଦାବରୀଶ ମିଶ୍ର ଅବିଭକ୍ତ ପୁରୀ ଜିଲ୍ଲା ସଂପ୍ରତି ଖୋର୍ଦ୍ଧା ଜିଲ୍ଲାର ବାଣପୁର ନିକଟ ଶ୍ରୀନିବାସପୁର ଶାସନର ଏକ ବ୍ରାହ୍ମଣ ପରିବାରରେ ଲିଙ୍ଗରାଜ ମିଶ୍ର ଏବଂ ଅପସରା ଦେବୀଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଗ୍ରହଣ ପରେ ସେ ପୁରୀ ଜିଲ୍ଲା ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା ଏବଂ ରେଭେନ୍ସା କଲେଜରୁ ୧୯୧୦ ମସିହାରେ ଦର୍ଶନଶାସ୍ତ୍ରରେ ବି. ଏ., ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ. ଏ. ପାସ୍ କରିଥିଲେ ଆର୍ଥିକ ଅନଟନରେ ରହି କଲେଜରେ ଦେୟ ପୈଠ କରିବା ପାଇଁ ସେ ପିଲାଙ୍କୁ ଟ୍ୟୁସନ୍ କରୁଥିଲେ ।

ସେ ୧୯୧୩ ରୁ ୧୯୧୯ ମସିହା ପର୍ଯ୍ୟନ୍ତ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ହୋଇଥିଲେ। ତାପରେ ସେ ୧୯୧୯ ରୁ ୧୯୨୧ ମସିହା ପର୍ଯ୍ୟନ୍ତ ସିଂହଭୁମ୍ ଜିଲ୍ଲାର ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ କରିବା ପରେ ସେ ୧୯୨୨ ମସିହାରେ ନିଜ ଗାଁକୁ ଫେରିଥିଲେ ଏବଂ ନୂତନ ବିଦ୍ୟାଳୟ, କ୍ଷୁଦ୍ର ଶିଳ୍ପ, ଋଷଜମି ଏବଂ ସାମାଜିକ କଲ୍ୟାଣ ସଂଗଠନ ପ୍ରତିଷ୍ଠା କରିବାରେ ଜଡିତ ଥିଲେ। ୧୯୨୮ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ (ସମାଜ ଖବରକାଗଜ ର ପ୍ରତିଷ୍ଠାତା)ଙ୍କର ମୃତ୍ୟୁ ପରେ ପ୍ରାୟ ଦୁଇ ବର୍ଷ ଧରି ସେହି ଓଡ଼ିଶାର ବହୁଳ ପ୍ରସାରିତ ଖବରକାଗଜ ସମାଜର ସମ୍ପାଦକ ଦାୟିତ୍ୱ ବହନ କରିଥିଲେ।

ଓଡ଼ିଆ। ଭାଷାର ସୁରକ୍ଷା ଏବଂ ଭାଷା ଭିତିକ ସ୍ବତନ୍ତ୍ର ଓଡିଶା ନିର୍ମାଣରେ ସେ ୧୯୧୯ ରୁ ୧୯୫୫ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ସହ ଜଡିତ ଥିଲେ ପୁଣି, ସେ ୧୯୫୫ ମସିହାରେ ବ୍ରହ୍ମପୁରରେ ଆୟୋଜିତ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ ରେ ସଭାପତି ଥିଲେ। ସେ ଗୋପବନ୍ଧୁଙ୍କ ପ ସଖା ଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ଯଦିଓ ସେ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମ ନେଇ ଥିଲେ, ତଥାପି ଗୋଦାବରୀଶ ମିଶ୍ର ସମାଜବାଦୀ ଚିନ୍ତାଧାରାରେ ବେଶୀ ବିଶ୍ୱାସ ରଖିଥିଲେ। ସେ ଜାତିଗତ ଭେଦଭାବ ବିରୁଦ୍ଧାଚରଣ କରୁଥିଲେ। ସେ ତାଙ୍କର ପବିତ୍ର ଉପବୀତ ଧାରଣ କରି ନଥିଲେ ଏବଂ ମୁହଁରେ ଦାଢ଼ି ରଖିଥିଲେ, ଯାହା ତତ୍କାଳୀନ ବ୍ରାହ୍ମଣ ଜାତିର ନୀତି ବିରୁଦ୍ଧ ତଥା ପ୍ରଚଳିତ ସାମାଜିକ ପରମ୍ପରାର ଘୋର ବିରୋଧୀ ଥିଲା।

ସେ ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। ସେ ସିଂହଭୁମ୍ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ଥାଇ ଚକ୍ରଧରପୁର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଏହି



ଭାରତ ର ମୁକ୍ତି ସଂଗ୍ରାମର ଏହି ମହାନ ଅଭିଯାନର ନେତୃତ୍ୱ ନେଇଥିଲେ।

ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପାବନ୍ଧୁ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ଏବଂ ଓଡ଼ିଶା ବିଧାନସଭା ବିଧାନସଭା ର ସଦସ୍ୟ ଥିଲେ। ସେ ୧୯୨୪ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ଜିଲ୍ଲା ବୋର୍ଡର ସଦସ୍ୟ ଥିଲେ ୫ ବର୍ଷର ମଧ୍ୟ ବିରତି ବ୍ୟତୀତ ସେ ୧୯୩୭ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ଓଡିଶା ବିଧାନସଭାର ସଦସ୍ୟ ରହି ଥିଲେ। ଏହି ସମୟ ମଧ୍ୟରେ ରାଜନୈତିକ ମତଭେଦ ହେତୁ ସେ ଓଡ଼ିଶା କଂଗ୍ରେସରେ କୌଣସି ପଦବୀ ଗ୍ରହଣ କରିନଥିଲେ ଗୋଦାବରୀଶ ମିଶ୍ର ସ୍ୱାଧୀନ ପ୍ରାର୍ଥୀ ଭାବରେ ୧୯୫୨ ମସିହାରେ ବିଦ୍ୟା ସଭ୍ୟ ହୋଇଥିଲେ। ସେ ବିଧାନସଭାରେ ଜଣେ ପ୍ରତିଷ୍ଠିତ ପ୍ରଶାସକ ତଥା ବିରୋଧୀ ଦଳର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ ସେ ୧୯୩୯ ମସିହାରେ କଂଗ୍ରେସ ଦଳତ୍ୟାଗ କରି ଫରାର୍ଡ ବ୍ଲକରେ ଯୋଗ ଦେଇଥିଲେ। ସେ ୧୯୪୧ ରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳାଖେମୁଣ୍ଡିର ମହାରାଜା ମନ୍ତ୍ରଣାଳୟରେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ।୧୯୪୩ ମସିହାରେ ମନ୍ତ୍ରୀ ଥିବା ସମୟରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ରେ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ସହିତ ପୁରୀ, ବାଲେଶ୍ୱର ଏବଂ ସମ୍ବଲପୁର ଆଦି ସ୍ଥାନ ମାନଙ୍କରେ ବିଭିନ୍ନ କଲେଜ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ତାଙ୍କ ସାହିତ୍ୟଚର୍ଯ୍ୟାରେ ଅନେକ ପ୍ରବନ୍ଧ, କାହାଣୀ, ଉପନ୍ୟାସ, କବିତା, ଜୀବନୀ ଏବଂ ଅନୁବାଦ ଅନ୍ତର୍ଭୁକ୍ତ ସେହିସବୁ ସାହିତ୍ୟ କୃତି ମଧ୍ୟରେ ରାଷ୍ଟ୍ର ପ୍ରତି ସଚେତନତା ସୃଷ୍ଟି କରିବାରେ ତାଙ୍କର କବିତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତାଙ୍କର ନାଟକ ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ ଏବଂ ଆତ୍ମଜୀବନୀ ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଆଦି ଓଡିଆ। ସାହିତ୍ୟରେ ତାଙ୍କର କିଛି ମହତ୍ପୂର୍ଣ୍ଣ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଜଣେ ଦକ୍ଷ ସମ୍ପାଦକ ମଧ ଥିଲେ ସେ ୧୯୨୪ ମସିହାରେ ବାଣପୁରରୁ ଲୋକମୁଖ ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ। ସେ ମଧ ଶଶି ଭୂଷଣ ରଥଙ୍କ ଦ୍ୱାରା ପ୍ରକାଶିତ ଏକ ଇଂରାଜୀ ପତ୍ରିକା - ଇଷ୍ଟକୋଷ୍ଟ ପାଇଁ ମଧ ସ୍ତମ୍ଭ ମାନ ଲେଖି ଜଣେ ବିଶିଷ୍ଟ ସ୍ତମ୍ଭକାର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରି ଥିଲେ। ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା ।

# ପିଲାଦିନର କଥା କାହିଁକି ମନେରହେନା ?

॥ ଡାକ୍ତର ସମ୍ରାଟ କର ॥

ଆପଣଙ୍କ ପିଲାଦିନର କଥା ମନେଅଛି ? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି ? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ ? ଏମିତି ଅନେକ କଥା। ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ। କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି ? ଶିଶୁ ମନସ୍ତତ୍ତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ। ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା - କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି। ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ। ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇରହେ। ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ। ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ। ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ। ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ। କାରଣ କୌଣସି ଘଟଣା ଉପରେ ଏକାଧିବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ।

ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି। ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ। ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ। ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ। ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ। ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଜ୍ଞୀବନୀ ସଦୃଶ କାମକରେ। ସବୁଜ ପନିପରିବା, ତଟକା ଫଳ ଓ ପୁଷ୍ଟିକର ଖାଦ୍ୟ ବହୁତ ଭଲ। ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା ଛୋଟମାଛ ବହୁତ ହିତକର। ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ। ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ। କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ। ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମ ନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ି ଦେବାର ସମ୍ଭାବନା ରଖିଥାଏ। ଏସବୁ କ୍ଷେତ୍ରକୁ ଭଲ ଭାବେ ଗୁରୁତ୍ୱ ଦିଅନ୍ତୁ। ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ମାନସିକ ରୋଗବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। କେହି କହି ଇଆଡୁସିଆଡୁ କଥାକହି ଟୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ। କାରଣ ପ୍ରଥମରୁ ମୁଁ କହୁଛି ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ କିଛି ସେପରି କିଛି କ୍ଷତି ବି ହୋଇଯିବନାହିଁ। ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ। ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ। ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସଂନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ। ଜୀବନକୁ ଆଧ୍ୟାତ୍ମିକମୟ କରିବା ବହୁତ ଭଲ। ଭୁଲିଯାଉଥିବା କ୍ଷେତ୍ରକୁ ଦେଖିଲେ କେହି କେହି ରୋଗୀର ମୁଣ୍ଡରେ କିଛି ତେଲ ମାରିବା ପାଇଁ କୁହନ୍ତି। କେହି କେହି ଆଉ କିଛି ଜଡ଼ିବୁଟିର ସାହାର ନିଅନ୍ତି ଏହା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ଡାକ୍ତରଙ୍କ ପରାମର୍ଶ ନେଇ ଏକ ଭଲ ଦିନଚର୍ଯ୍ୟା ବିଚାର କରି ସେହିପରି ଜୀବନକୁ ବିତାନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମସ୍ମରଣ କରିବା ଏକ ଭଲ ଅଭ୍ୟାସ। ଦେଖିବେ ଆପଣଙ୍କୁ ଆଉ ଭୁଲାକଡ଼ ବୋଲି କେହି କହିବେ ନାହିଁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ଗାଁ କୁ ନାହିଁ ପକ୍କା ରାସ୍ତା ବିକାଶ ଉପରେ ଉଠିଲାଣି ପ୍ରଶ୍ନ,ଏହାର ଆସୁ ସମାଧାନ ନହେଲେ ଆଗାମୀ ଦିନରେ ବ୍ଲକ ଘେରାଉର ଚେତାବନୀ

ନୂଆଗାଁ, (ମହାଭାରତ ) : ଗାଁ କୁ ନାହିଁ ପକ୍କା ରାସ୍ତା। ଅସରାଏ ବର୍ଷା ହେଲେ ଯିବାଆସିବାରେ ଲୋକେ ହେଉଛନ୍ତି ହନ୍ତସନ୍ତ।ସାଧାରଣ ମଣିଷ ଚାଲିବା ତ ଦୂରର କଥା ସାଇକେଲ ଯିବା ମଧ୍ୟ ଭାରି କଷ୍ଟ।ଏଥିରେ ପୁଣି ଦୁଇଚକିଆ ମଟର ଯାନ କିମ୍ବା ଚାରିଚକିଆ ଯାନ ଚଳାଚଳ ପାଇଁ ଲୋକେ ହେଲେଣି ହନ୍ତସନ୍ତ।ଦେଶ ସ୍ୱାଧୀନତା ପରେ ବି ଗାଁ କୁ ପହଞ୍ଚି ପାରୁନି ବିକାଶ।ଏଭଳି ଦୟନୀୟ ଅବସ୍ଥା ଦେଖାଦେଇଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମାଇଛେଳି ଗ୍ରାମପଞ୍ଚାୟତ ସଂପଡ଼ା ଠାରୁ ଟଭାପଲ୍ଲୀ ଗାଁ କୁ ସଂଯୋଗ କରିଥିବା ନିତି ଦିନିଆ ରାସ୍ତାର ବିକଳ ଚିତ୍ର।ରାସ୍ତା ମରାମତି କରିବା ପାଇଁ ୱାର୍ଡ ମେମ୍ବର ଠାରୁ ପଞ୍ଚାୟତ ଜନପ୍ରତିନିଧି ,ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଯେତେ ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ



ମିଳିନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ସଂପଡ଼ା ଠାରୁ ଟଭାପଲ୍ଲୀ ଗାଁ କୁ ୩ କିମିରୁ ଉର୍ଦ୍ଧ୍ୱ ରାସ୍ତାର ଦୂର ହେଲେ ସୁଦ୍ଧା ତଥାପି ପହଞ୍ଚି ପାରୁନି ବିକାଶ।ଏହି ରାସ୍ତାରେ ଉପରେ କାଣିଗିରି, ଟଭାପଲ୍ଲୀ, ସତ୍ୟନାରାୟଣପୁର ଓ କାଦୁଆସାହିର ଗ୍ରାମର ଲୋକେ ଯିବାଆସିବା କରନ୍ତି।ଏହା ବ୍ୟତୀତ ପ୍ରତିଦିନ ପିଲାମାନେ ସ୍କୁଲ, କଲେଜ ଯାଉଥିବା ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏଥିସହିତ ସ୍ଥାନୀୟ ଲୋକମାନେ ବ୍ଲକ, ତହସିଲ ଓ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ କୁ ଯିବାଆସିବା ପାଇଁ ନାହିଁନଥିବା ଅସୁବିଧା ହେଉଛନ୍ତି। ତେଣୁ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିକାଶ ପହଞ୍ଚି ପାରୁନି କାହିଁକି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କଲେଣି। ସରକାର ଓ ପ୍ରଶାସନ ଙ୍କ ଅପାରଗତା ଯୋଗୁଁ ଗାଁ କୁ ପହଞ୍ଚି ପାରୁନି କି ବିକାଶ।ଗ୍ରାମାଞ୍ଚଳର ବିକାଶ ନେଇ ମଞ୍ଚରେ ଉପରେ ବଡ଼ ବଡ଼ ଭାଷଣ ଦେଉଛନ୍ତି ସରକାରୀ ଦଳର ନେତା ମନ୍ତ୍ରୀ ଗଣ। ଲୋକେ କହିଲେଣି ସରକାର ଙ୍କ ଭାଷଣ ପ୍ରବଳ କିନ୍ତୁ କାମ ଦୁର୍ବଳ।ଜନପ୍ରତିନିଧି ଠାରୁ ପ୍ରଶାସନ ଙ୍କ ପାଖରେ ଗୁହାରି କଲା ନିରାଶ ହେବାରୁ ଶେଷରେ ରାସ୍ତାର ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ଗାଁ ର କିଛି ପିଲାମାନେ ସାଙ୍ଗରେ ଶାବଳ, କୁଡି, କୁଦାଳ ଓ ଝୋଡ଼ି ଧରି ବାଲି, ପଥର ପକାଇ ରାସ୍ତା ମରାମତି କରିଥିଲେ।ଯାହାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖାଦେଇଛି।ପିଲାଙ୍କ ର ଏଭଳି ମହାନ କାମ ଦେଖି ବୁଦ୍ଧିଜୀବୀ ଙ୍କ ମହଲରେ ପ୍ରଶଂସା କରାଯାଉଛି।ତୁରନ୍ତ ଏହି ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଅଞ୍ଚଳବାସୀଙ୍କ ଦାବୀ ହେଉଛି।ଯଦି ଏହାର ଆସୁ ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ ଘେରାଉ କରିବେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି।

## ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଲକ୍ଷ୍ମୀପୁର, (ମହାଭାରତ ): କେଲ୍ଲାରସ୍ଥିତ କେବିକେ ପଡ଼ିଆରେ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ଇଝଟଗ ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୬ ରବିବାର ଦିନ ଉତ୍ସାହ ଓ ଉଦ୍ଦୀପନାର ସହ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଶାନ୍ତିପଦ ଦଳ ୧-୦ ଗୋଲରେ କେଲ୍ଲାର ଉଣଇକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଇଥିଲା। ୨୦ ମିନିଟ୍‌ର ଦୁଇଟି ହାଫ୍‌କୁ ନେଇ ମୋଟ ୪୦ ମିନିଟ୍‌ର ମ୍ୟାଚ୍‌ରେ ଖେଳାଳିମାନେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ଶେଷରେ ଶାନ୍ତିପଦ ଦଳ ନିର୍ଣ୍ଣାୟକ ଗୋଲ ଦେଇ ବିଜୟ ହାସଲ କରିଥିଲା।

ଉଦ୍‌ଯାପନୀ ସମାରୋହରେ କୋରାପୁଟ ଜିଲ୍ଲା ହେଡ୍‌କ୍ୱାର୍ଟରରେ କାର୍ଯ୍ୟରତ ଆର୍.ଆଇ. ତଥା କେଲ୍ଲାର ଗ୍ରାମର ସମ୍ମାନୀୟ ବ୍ୟକ୍ତି ଅକ୍ଷୟ କୁମାର କ୍ଷେତ୍ରୀୟ ମୁଖ୍ୟ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଶାନ୍ତିପଦର ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ସମୟରେ ଘରୋଇ ବସ୍ ମାଲିକ ସଂଘର ସଦସ୍ୟ ମିଥୁନ ପାଣି ସହଯୋଗ କରିଥିଲେ। ଉପବିଜେତା କେଲ୍ଲାର ଉଣଇ ଦଳକୁ ଇଝଟଗ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି ଅରୁଣ ଟାକ୍ରୀ, ସମ୍ପାଦକ ତଥା ସାମ୍ବାଦିକ ପ୍ରଶାନ୍ତ ଖୋସ୍ଲା, ଆଡ୍‌ଭାଇଜର ସୁଜିତ ଖୋସ୍ଲା, କମିଟି ସଦସ୍ୟ ପିତର ଭତ୍ରା, ଲାଲୁ ପାଣି ଓ କରେଶ ଖୋସ୍ଲାଙ୍କ



ଉପସ୍ଥିତିରେ ଉପବିଜେତା ଟ୍ରଫି ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଶାନ୍ତିପଦର ଦଳକୁ ୧୫,୦୫୧ ଟଙ୍କା ଏବଂ ଉପବିଜେତା କେଲ୍ଲାର ଉଣଇ ଦଳକୁ ୧୦,୦୦୧ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କେଲ୍ଲାର ଔ.ର.ଖ. ଚର୍ଚ୍ଚର ପେରିସ ପାଳକ ଅଜୟ କୁମାର ଦୁଃଖୀ ଏବଂ କେଲ୍ଲାର ଫେଥ୍ ଚର୍ଚ୍ଚର ପାଳକ ଡକ୍ଟର ଜେ.ବି. ଛିଞ୍ଚାଣୀ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଖେଳାଳି ଓ ଦଳୀୟ କର୍ମକର୍ତ୍ତାଙ୍କୁ ବିଭିନ୍ନ ବ୍ୟକ୍ତିଗତ ପୁରସ୍କାର ଓ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା। ବେଷ୍ଟ ଡିଫେଣ୍ଡର, ପ୍ଲେୟର ଅଫ୍ ଦି ମ୍ୟାଚ୍, ବେଷ୍ଟ ଗୋଲକିପର, ବେଷ୍ଟ ଟିମ୍ ମ୍ୟାନେଜର ଓ ବେଷ୍ଟ ସ୍କୋରର ଭଳି ପୁରସ୍କାର କେଲ୍ଲାର ଗ୍ରାମର ବରିଷ୍ଠ ବ୍ୟକ୍ତି ମୁକ୍ତିପାତ୍ର ଖୋସ୍ଲା, ଭଗବାନ ଖରା, ଦାମଦାର ଖୋସ୍ଲା, ଆଲ୍‌ଫୀୟସ ଖୋସ୍ଲା, ମନହର ଭତ୍ରା ଓ ଦୟାପାତ୍ର ଟାକ୍ରୀ ପ୍ରଦାନ କରିଥିଲେ। ଟର୍ନାମେଣ୍ଟର ପ୍ରତି ମ୍ୟାଚ୍‌କୁ ସୁଚାରୁ ଭାବେ ପରିଚାଳନା କରିଥିବା ମୁଖ୍ୟ ରେଫରୀ ମହେନ୍ଦ୍ର ଖୋସ୍ଲା ଓ ସହକାରୀ ରେଫରୀ ନିର ପାତ୍ରଙ୍କୁ ଇଝଟଗ କମିଟିର ସଭାପତି ଓ ସମ୍ପାଦକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହକୁ ଇଝଟଗ କମିଟିର ଆଡ୍‌ଭାଇଜର ତଥା କୁସୁମଗୁଡ଼ା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଜିତ ଖୋସ୍ଲା ସୁନ୍ଦର ଭାବେ ପରିଚାଳନା କରିଥିଲେ। ଶେଷରେ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇଥିବା ସମସ୍ତ ଅତିଥି, ଦର୍ଶକ, ବାଦ୍ୟଦଳ ଓ ସହଯୋଗୀମାନଙ୍କୁ ଇଝଟଗ କମିଟି ପକ୍ଷରୁ କୃତଜ୍ଞତା ଜଣାଇ ଟୁର୍ଣ୍ଣାମେଣ୍ଟର ସଫଳ ସମାପନ ଘୋଷଣା କରାଯାଇଥିଲା।

## ହୋମ ନିଆଁରେ ଦୃଶ୍ୟମାନ ହେଲା ଗଣେଶଙ୍କ ପ୍ରତିଛବି !

ଝରିଗାଁ (ମହାଭାରତ) : ନବରଙ୍ଗପୁର ଜିଲ୍ଲା ଝରିଗାଁରେ ଆଜି ବିଭିନ୍ନ ଅନୁଷ୍ଠାନ ଓ ବିଭନ୍ନ ପୂଜା କମିଟି ପକ୍ଷରୁ ଗଣେଶଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ତେବେ ଝରିଗାଁ ସ୍ଥିତ ଭିଜନ ପବ୍ଲିକ ସ୍କୁଲରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା।ପୁରୋହିତ ଭାବେ ସୁବାଷ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ବୀରେନ୍ଦ୍ର କୁମାର ପାଢୀ ଦାଇତ୍ୱ ତୁଲାଇ ଥିଲେ।ତେବେ ହୋମ କରିବା କରିବା ସମୟରେ ଉପସ୍ଥିତ କିଛି ଶିକ୍ଷକ ଶିକ୍ଷୟିତ୍ରୀ ମୋବାଇଲ ଯୋଗେ ଫୋଟ ଉତ୍ତୋଳନ କରୁଥିଲେ।ଫୋଟ ଉତ୍ତୋଳନ ପରେ ହୋମ ନିଆଁ ଗଣେଶ ଆକୃତିର କାନ ଓ ଶୁଣ୍ଢ ସଦୃଶ୍ୟ ପ୍ରତିଛବି ଭଳି ଦେଖିବାକୁ ମିଳିଥିଲା।ପରେ ଏହି ଛବିକୁ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉପସ୍ଥିତ ଅଭିବାହକ ମାନେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।କିଛି ସମୟ ପାଇଁ ସେଠାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇ ଯାଇଥିଲା।ଘଟଣା ପରେ ସାମାଜିକ ଗଣମାଧ୍ୟମରେ ମୋବାଇଲ ଠାରୁ ମୋବାଇଲ ଫୋଟ ଘୁରି ବୁଲିଥିଲା।କିଛି ଲୋକ ଘଟଣାକୁ ଆଧାତ୍ମିକ ଚିନ୍ତାଧାରାରେ ନେଉଥିବା ଦେଖିବାକୁ ମିଳିଛି।ତେବେ ଝରିଗାଁରେ ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ପାଲଟି ଯାଇଛି।



## ଗଣପତିଙ୍କ ଜୟ ଧ୍ୱନୀରେ କମ୍ପିଲା ରାଇଘର

ରାଇଘର, (ମହାଭାରତ) : ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ଆରାଧନାରେ ଉତ୍ସବମୁଖର ହୋଇଉଠିଛି ସାରା ରାଇଘର ବ୍ଲକ। ଗାଁଠୁ ସହର, ସାହିଠୁ ବିଭିନ୍ନ ଅନୁଷ୍ଠାନ ଏବଂ ସ୍କୁଲ-କଲେଜ ପର୍ଯ୍ୟନ୍ତ ସବୁଠି ଶୁଭ୍ର ଓ ମନୋରମ ପରିବେଶରେ ପାଳିତ ହୋଇଛି ଗଣେଶ ପୂଜା।କୋଦଭାଟା, କାଳୀସୁନ୍ଦରୀ ସାହି,ପତ୍ରକୋଟି,ପଲ୍ଲୀ ସଂସଦ କ୍ଲବ,ଭୀମା ଛକ,ଝୁନକିପାରା (ନୂଆପାରା) ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଆଡମ୍ବର ସହକାରେ ପୂଜାର ଆୟୋଜନ ହୋଇଯାଇଛି। ରଙ୍ଗବେରଙ୍ଗ ଆଲୋକମାଳା, ସୁସଜ୍ଜିତ ପୂଜାମଣ୍ଡପ ଓ ଭକ୍ତିମୟ ପରିବେଶରେ ମୁଖରିତ ହୋଇଥିଲା ପୂଜାସ୍ଥଳୀ।ସକାଳୁ ଧୂପ,ଦୀପ ଓ ମନ୍ତ୍ରଧ୍ୱନିରେ ଗୁଞ୍ଜରିତ ହୋଇଥିଲା ପରିବେଶ। ଗଣପତିଙ୍କ ଦର୍ଶନ ପାଇଁ ଛୋଟଠୁ ବଡ଼ ସମସ୍ତଙ୍କ ମଧ୍ୟରେ ଦେଖାଦେଇଥିଲା ଅପାର ଉତ୍ସାହ। ବିଶେଷକରି ଯୁବପିଢ଼ିଙ୍କ ଉତ୍ସାହ ଓ ଶ୍ରଦ୍ଧା ପୂଜାର ଆକର୍ଷଣକୁ ଆହୁରି ବଢ଼ାଇଥିଲା।ସେହିପରି ବିଭିନ୍ନ ସ୍କୁଲ ଓ କଲେଜରେ ମଧ୍ୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭକ୍ତି ଓ ଉତ୍ସାହର ସହ




ଗଣେଶ ପୂଜା ପାଳନ ହୋଇଯାଇଛି। କେଉଁଠି ପୂଜାର୍ଚ୍ଚନା,ତ କେଉଁଠି ସାଂସ୍କୃତିକ କାର୍ଯ୍ୟକ୍ରମ ସବୁକିଛି ମିଶି ରାଇଘରରେ ସୃଷ୍ଟି କରିଥିଲା ଏକ ଭକ୍ତିମୟ ଓ ଆନନ୍ଦମୁଖର ପରିବେଶ।ଭକ୍ତି,ଭାଇଚାରା ଓ ଏକତାର ବାର୍ତ୍ତା ନେଇ ଆସିଥିବା ଏହି ପବିତ୍ର ଉତ୍ସବ ରାଇଘରବାସୀଙ୍କ ମନରେ ଭରିଦେଇଛି ନୂଆ ଉତ୍ସାହ ଓ ଆନନ୍ଦ।

## ଧୁମଧାମରେ ଗଣେଶ ପୂଜା ପାଳିତ




ଦଶପଲ୍ଲା, (ମହାଭାରତ): ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଦଶପଲ୍ଲା ଅଞ୍ଚଳ। ଦଶପଲ୍ଲା ଏନ୍?ଏସି ଓ ବ୍ଲକ ର ବିଭିନ୍ନ ସ୍ଥାନ ଭିନ୍ନ ଭିନ୍ନ ପୂଜା ମଣ୍ଡପ ଆକର୍ଷଣୀୟ ମେଢ଼ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ପୂଜାମଣ୍ଡପଗୁଡ଼ିକରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧିବିଧାନ ଅନୁଯାୟୀ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁମାନେ ମଣ୍ଡପରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ପୂଜାକୁ ନେଇ ଛାତ୍ର, ଯୁବକ ଓ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ବେଶ୍? ଉତ୍ସାହ ପରିଲକ୍ଷିତ ହୋଇଥିଲା।ଏହି ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିବା ସହ ମେଢ଼ ବୁଲି ଦେଖିଥିଲେ। ସେ ପୂଜା କମିଟିର ସଦସ୍ୟ ଓ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ସହ ଆଲୋଚନା କରି ପୂଜାର ଶୁଭେଚ୍ଛା ଜଣାଇଥିଲେ। ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସହ ପୂଜାର ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଥିଲା।


## ଯାନ୍ତ୍ରିକ ତ୍ରୁଟି ଅଟକିଲା ଡ଼ଙ୍ଗା



କୃଷ୍ଣପ୍ରସାଦ, (ମହାଭାରତ ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା - ଜହ୍ନିକୁଦା ଚିଲିକା ଯାତ୍ରୀଙ୍କ କାଳ ସାଜିଛି। ତୀର୍ଥ କ୍ଷେତ୍ର ପୁରୀ କୁ ଦକ୍ଷିଣ ଓଡିଶା ର ଯାତ୍ରୀ ଏବଂ କୃଷ୍ଣପ୍ରସାଦ ଅଞ୍ଚଳ ପାଇଁ ଦୂରତା ଦୃଷ୍ଟିରୁ ଜହ୍ନିକୁଦା ସାତପଡ଼ା ଚିଲିକା ରାସ୍ତା ସୁଗମ ହୋଇଥିବା ବେଳେ ବିପଦ କ୍ଷଣ କ୍ଷଣ କେ ଆସି ପହଞ୍ଚୁଛି। ସୋମବାର ଦିନ ମଧ୍ୟାନ ୧ ଟା ସମୟ ରେ ଏକ ଡ଼ଙ୍ଗା ୧୦ ଜଣ ଯାତ୍ରୀ ନେଇ ସାତପଡ଼ା ରୁ ଜହ୍ନିକୁଦା ଅଭିମୁଖେ ଆସୁଥିବା ବେଳେ ମଏଁସା ନିକଟରେ ଅଟକି ଥିଲା। ଚିଲିକା ମଝିରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ଡ଼ଙ୍ଗା ର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଘଟିଥିବା ସୂଚନାରୁ ମିଳିଥିଲା। ପ୍ରତିଦିନ ଏହି ଚିଲିକାରେ ହଜାର ହଜାର ଯାତ୍ରୀ ପର୍ଯ୍ୟଟକ ଯାତାୟତ କରୁଥିବା ବେଳେ ଚିଲିକା ବାଧକ ସାଜିଛି। ସାତପଡ଼ା ଜହ୍ନିକୁଦା ଚିଲିକାରେ ପକ୍କାରାସ୍ତା ନିର୍ମାଣ ପାଇଁ ଦାବି ହେଉଛି।


## ଗାଁ କୁ ନାହିଁ ପକ୍କା ରାସ୍ତା ବିକାଶ ଉପରେ ଉଠିଲାଣି ପ୍ରଶ୍ନ,ଏହାର ଆସୁ ସମାଧାନ ନହେଲେ ଆଗାମୀ ଦିନରେ ବ୍ଲକ ଘେରାଉର ଚେତାବନୀ

ନୂଆଗାଁ, (ମହାଭାରତ ) : ଗାଁ କୁ ନାହିଁ ପକ୍କା ରାସ୍ତା।ଅସରାଏ ବର୍ଷା ହେଲେ ଯିବାଆସିବାରେ ଲୋକେ ହେଉଛନ୍ତି ହନ୍ତସନ୍ତ।ସାଧାରଣ ମଣିଷ ଚାଲିବା ତ ଦୂରର କଥା ସାଇକେଲ ଯିବା ମଧ୍ୟ ଭାରି କଷ୍ଟ।ଏଥିରେ ପୁଣି ଦୁଇଚକିଆ ମଟର ଯାନ କିମ୍ବା ଚାରିଚକିଆ ଯାନ ଚଳାଚଳ ପାଇଁ ଲୋକେ ହେଲେଣି ହନ୍ତସନ୍ତ।ଦେଶ ସ୍ୱାଧୀନତା ପରେ ବି ଗାଁ କୁ ପହଞ୍ଚି ପାରୁନି ବିକାଶ।ଏଭଳି ଦୟନୀୟ ଅବସ୍ଥା ଦେଖାଦେଇଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମାଇଛେଳି ଗ୍ରାମପଞ୍ଚାୟତ ସଂପଡ଼ା ଠାରୁ ଟଭାପଲ୍ଲୀ ଗାଁ କୁ ସଂଯୋଗ କରିଥିବା ନିତି ଦିନିଆ ରାସ୍ତାର ବିକଳ ଚିତ୍ର।ରାସ୍ତା ମରାମତି କରିବା ପାଇଁ ଓ୍ୱାର୍ଡ? ମେମ୍ବର ଠାରୁ ପଞ୍ଚାୟତ ଜନପ୍ରତିନିଧି ,ବ୍ଲକ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଯେତେ ଗୁହାରି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ସ୍ଥାନୀୟ ଲୋକେ



ପ୍ରକାଶ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ସଂପଡ଼ା ଠାରୁ ଟଭାପଲ୍ଲୀ ଗାଁ କୁ ୩ କିମିରୁ ଉର୍ଦ୍ଧ୍ୱ ରାସ୍ତାର ଦୂର ହେଲେ ସୁଦ୍ଧା ତଥାପି ପହଞ୍ଚି ପାରୁନି ବିକାଶ।ଏହି ରାସ୍ତାରେ ଉପରେ କାଣିଗିରି, ଟଭାପଲ୍ଲୀ, ସତ୍ୟନାରାୟଣପୁର ଓ କାଦୁଆସାହିର ଗ୍ରାମର ଲୋକେ ଯିବାଆସିବା କରନ୍ତି।ଏହା ବ୍ୟତୀତ ପ୍ରତିଦିନ ପିଲାମାନେ ସ୍କୁଲ, କଲେଜ ଯାଉଥିବା ବେଳେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏଥିସହିତ ସ୍ଥାନୀୟ ଲୋକମାନେ ବ୍ଲକ, ତହସିଲ ଓ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ କୁ ଯିବାଆସିବା ପାଇଁ ନାହିଁନଥିବା ଅସୁବିଧା ହେଉଛନ୍ତି। ତେଣୁ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିକାଶ ପହଞ୍ଚି ପାରୁନି କାହିଁକି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କଲେଣି। ସରକାର ଓ ପ୍ରଶାସନ ଙ୍କ ଅପାରଗତା ଯୋଗୁଁ ଗାଁ କୁ ପହଞ୍ଚି ପାରୁନି କି ବିକାଶ।ଗ୍ରାମାଞ୍ଚଳର ବିକାଶ ନେଇ ମଞ୍ଚରେ ଉପରେ ବଡ଼ ବଡ଼ ଭାଷଣ ଦେଉଛନ୍ତି ସରକାରୀ ଦଳର ନେତା ମନ୍ତ୍ରୀ ଗଣ। ଲୋକେ କହିଲେଣି ସରକାର ଙ୍କ ଭାଷଣ ପ୍ରବଳ କିନ୍ତୁ କାମ ଦୁର୍ବଳ।ଜନପ୍ରତିନିଧି ଠାରୁ ପ୍ରଶାସନ ଙ୍କ ପାଖରେ ଗୁହାରି କଲା ନିରାଶ ହେବାରୁ ଶେଷରେ ରାସ୍ତାର ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ଗାଁ ର କିଛି ପିଲାମାନେ ସାଙ୍ଗରେ ଶାବଳ, କୁଡି, କୁଦାଳ ଓ ଝୋଡ଼ି ଧରି ବାଲି, ପଥର ପକାଇ ରାସ୍ତା ମରାମତି କରିଥିଲେ।ଯାହାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଦେଖାଦେଇଛି।ପିଲାଙ୍କ ର ଏଭଳି ମହାନ କାମ ଦେଖି ବୁଦ୍ଧିଜୀବୀ ଙ୍କ ମହଲରେ ପ୍ରଶଂସା କରାଯାଉଛି।ତୁରନ୍ତ ଏହି ରାସ୍ତାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଅଞ୍ଚଳବାସୀଙ୍କ ଦାବୀ ହେଉଛି।ଯଦି ଏହାର ଆସୁ ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ ଘେରାଉ କରିବେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି।

## ରାବେରା ପଞ୍ଚାୟତ ନିକଟରୁ ମୋରମ ଚୋରି : ରାତିରେ ଲାଗୁଛି ହିଟାଚି, ହାଇୱା




ଓଡ଼ଗାଁ, (ମହାଭାରତ):କିଛିଦିନର ନିରବତା ପରେ ପୁଣି ଖଣିମାଫିଆ ସକ୍ରିୟ ହୋଇ ଉଠିଛନ୍ତି।ହିଟାଚି, ହାଇୱା ଲଗାଇ ଟ୍ରିପ୍,ଟ୍ରିପ୍ ମୋରମ ବୋହି ନେଉଛନ୍ତି।ଓଡ଼ଗାଁ ଆଦର୍ଶ ଥାନା ରାବେରା ପଞ୍ଚାୟତ ନିକଟରୁ ଏଭଳି ଲୁଟ ହେଉଥିବାନେଇ ଅଭିଯୋଗ ହୋଇଛି।ଅଭିଯୋଗ ଅନୁଯାୟୀ ରାବେରା ପଞ୍ଚାୟତ ନିକଟସ୍ଥ ଏକ ଗୋଚର ଜମିରୁ ରାତିରେ ଲୁଟହେଉଛି ମୋରମ।ରାତି ହେଲେ ମାଫିଆମାନେ ହିଟାଚି, ଜେସିବି,ହାଇୱା ଧରି ଗୋଚର ଜମିରେ ପହଞ୍ଚି ମୋରମ ତାଡ଼ି ଦେଉଛନ୍ତି।ଟ୍ରିପ୍ ଟ୍ରିପ୍ ମୋରମ ବାହାରକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ମାଫିଆଙ୍କ ଭୟରେ ଲୋକେ ପାଟି ଖୋଲୁନାହାଁନ୍ତି।ଏତେ ପରିମାଣର ମୋରମ ଖୋଳି ଦେଲେଣିଯେ ଏକ ପୋଖରୀର ଭ୍ରମ ସୃଷ୍ଟି ହେଲାଣି।ଏହି ମୋରମ ଖୋଳି ବାହାରକୁ ଚୋରା ଚାଲାଣ କରିବାକୁ କାହାର ଅନୁମତି ଅଛିକି,ଯଦି ନାହିଁ ପଞ୍ଚାୟତ କିମ୍ବା ପ୍ରଶାସନ ପକ୍ଷରୁ ଚଢାଉ ନକରିବା ପଛରେ କି କାରଣ ରହିଛି।ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିବା ପଛର କାରଣ କ'ଣ ବୋଲି ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି।ଏହି ମୋରମ ଚାଲାଣ ପଛରେ ପ୍ରଶାସନିକ ଅଧିକାରୀଙ୍କ ହାତ ନାହିଁତ ?କିମ୍ବା ମାଫିଆଙ୍କ ଭୟରେ ଖଣି ବିଭାଗ କର୍ମଚାରୀ ଧରିବାକୁ ଭୟ କରୁଛନ୍ତି ତାହା ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି।ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ମୋରମ ଚାଲାଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଧରପଗଡ଼ ନହେବା ଚିନ୍ତାର କାରଣ ପାଲଟିଛି।କିଛିଦିନ ତଳେ କୋମଣ୍ଡ ବେଆଇନ ମାଙ୍କଡ଼ା ଖଣିକୁ ନେଇ ଅଜିତ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ବିଟ୍ ରାସ୍ତାରେ ହାଣିବା ଘଟଣା ମନରୁ ନଲିଭୁଣୁ ପୁଣି ଖଣିକୁନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି।ଯଦି ମୋରମ ଚାଲାଣ ବନ୍ଦ ନହୁଏ କିମ୍ବା ମୋରମ ନେବାପାଇଁ ଏହି ଅଞ୍ଚଳକୁ ତାଡ଼ି ନଷ୍ଟ କରାଯାଏ ତେବେ ସ୍ଥାନୀୟ ଲୋକଙ୍କର ଅପୂରଣୀୟ କ୍ଷତି ହେବବୋଲି କହିଛନ୍ତି।ମୋରମ ତାଡ଼ିବା ଦ୍ୱାରା ପୋଖରୀରେ ମଣିଷ ଏବଂ ଗୋପାଳିତ ପଶୁ ପଡ଼ି ଜୀବନ ହରାଇବା ଘଟଣାକୁ ଏଡ଼ାଇ ଦିଆଯାଇନପାରେ।ତେଣୁ ବେଳଥାଉ ଥାଉ ବେଆଇନ ମୋରମ ଚାଲାଣ ବନ୍ଦକରିବା ସହିତ ମାଫିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି।ଘଟଣାରେ ଖଣିବିଭାଗ ଅଧିକାରୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଇଛାକୃତ ଭାବେ ଉଠାଇନଥିଲେ। ଯଦି ଏହିଖଣିକୁ ବନ୍ଦ କରାନଯାଏ ତେବେ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିବବୋଲି ସାଧାରଣରେ ଆଲୋଚନା ହେଉଛି।ତେଣୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବିଉଠିଛି।

## ରେଢ଼ାଖୋଲ ପ୍ରେସ କ୍ଲବ୍ ଠାରେ ବିଘ୍ନହର୍ତ୍ତା ଶ୍ରୀ ଗଣେଶ ପୂଜା ପାଳିତ



ରେଢ଼ାଖୋଲ (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ କ୍ଲବ୍ ଠାରେ ସୋମବାର ଦିନ ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ବିଘ୍ନ ବିନାଶକ ଶ୍ରୀ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସାମ୍ବାଦିକ ସଦସ୍ୟ ମାନଙ୍କ ସହଯୋଗରେ ପ୍ରଥମ ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଆୟୋଜନ ହୋଇଥିଲା। ଏଥିରେ ପୂଜକ ଭାବରେ ଭବାନୀ ଶଙ୍କର ପଣ୍ଡା ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିରେ କର୍ତ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡିରତ୍ନ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ଏଥିରେ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ସହ ସମ୍ପାଦକ କନ୍ଦର୍ପ ବେହେରା, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ନାଗ, ରଶ୍ମି ରଞ୍ଜନ ଖଡ଼ିରତ୍ନ, ଅନିଲ ପୃଷ୍ଟି, ସୁଧୀର ସୁନା, ରଶ୍ମିତା ରାଉତ, ଗଜାନନ ଭେଶରା, ବିଦ୍ୟାଧର ମାଝୀ, ସରୋଜ ରାଉତ, ମଦନ ବେହେରା ପ୍ରମୁଖ ସମେତ ଅନ୍ୟ ସାମ୍ବାଦିକ ମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

## ବିରୂପା ନଦୀରେ ଭାସି ଗଲେ ଦମ୍ପତି



ବାଲିଚନ୍ଦ୍ରପୁର, (ମହାଭାରତ) : ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିକୁଦା ଗ୍ରାମର ସୁଧାକର ଓଝା (୫୫) ଏବଂ ତାଙ୍କର ସ୍ତ୍ରୀ ସୁଲୋଚନା ଓଝା ( ୫୦) ତାଙ୍କ ଘର ନିକଟସ୍ଥ ବିରୂପା ନଦୀ କୁ ଶୌଚ ହେବା ପାଇଁ ଆସି ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ, ଘଟଣାରୁ ପ୍ରକାଶ ଯେ ଆଜି ଭୋର ସମୟରେ ଉଭୟ ଦମ୍ପତି ନଦୀକୁ ଶୌଚ ହେବା କୁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ, ପରିବାର ଲୋକେ ନଦୀ ତୁଠକୁ ଆସି ତାଙ୍କର ଲୁଗା ପଟା, ବାଲଟି, ଚପଲ ଆଦି କୂଳରେ ରହିଥିବା ଦେଖି ସେମାନେ ନଦୀରେ ଭାସିଯାଇଥିବା ସନ୍ଦେହ ପ୍ରକାଶ କରି ବାଲିଚନ୍ଦ୍ରପୁର ଥାନା ଓ ଅଗ୍ନି ସମ ବାହିନୀ କି ଖବର ଦେଇଥିଲେ, ଖବର ପାଇବା ପରେ ବାଲିଚନ୍ଦ୍ରପୁର ପୁଲିସ ଓ ବଡଚଣା,ବରୀ ରୁ ଦୁଇଟି ଅଗ୍ନି ସମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟକୁ ଖୋଜିବା ଆରମ୍ଭ କରିଥିଲେ, ଦିନ୧୦ ସମୟରେ ପ୍ରାୟ ୧୦ କିଲୋମିଟର ଦୂର କେନ୍ଦ୍ରପଡା ଜିଲ୍ଲା ର ଛୋଟି (ପଲ୍ଲୀ) ନିକଟରେ ନଦୀ ପାର୍ଶ୍ୱରେ ବେଣା ବୁଦା ପାଖରେ ଗୋଟିଏ ସ୍ତ୍ରୀ ଲୋକ ପଡିରହିଥିବା ଖବର ମିଳିବା ପରେ ପରିବାର ଲୋକେ ତୁରନ୍ତ ସେଠାରେ ପହଞ୍ଚି ମୁମୂର୍ଷ ଅବସ୍ଥାରେ ଥିବା ସୁଲୋଚନା କୁ ଉଦ୍ଧାର କରି ଇନ୍ଦୁପୁର ଓ ପରବର୍ତ୍ତୀ ଅବସ୍ଥାରେ କେନ୍ଦ୍ରାପଡ଼ା ଡାକ୍ତର ଖାନା କୁ ନେଇଥିଲେ, ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଅଛି, ସେ ସେଠାରେ ଏବେ ଚିକିତ୍ସା ଧୀନ ଅଛନ୍ତି, ତେବେ ଅଗ୍ନି ସମ ବାହିନୀ ଦୁଇଦଳ ବାଲିକୁଦା ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ସୁଧାକରଙ୍କୁ ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ଫେରିଯାଇଛନ୍ତି, ବାଲିଚନ୍ଦ୍ରପୁର ପୁଲିସ ଏ ସମ୍ପର୍କିତ ତଦନ୍ତ ଚାଲୁରଖିଥିବା ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ଠାରୁ ପ୍ରକାଶ।

## ଗଣେଷ ପୂଜା ଓ ବିଶ୍ୱକର୍ମା ପୂଜା ପୂର୍ବରୁ ପାରାଦୀପ ସହରରେ ପୋଲିସ୍ ?ର ଫ୍ଲାଗ୍ ମାର୍ଚ୍ଚ



ପାରାଦୀପ, (ମହାଭାରତ) : ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାଣେଙ୍କ ନେତୃତ୍ୱରେ ପାରାଦୀପ ଥାନା ଆଇଆଇସି ବବିତା ଦେହୁରୀ, ଅତିରିକ୍ତ ଥାନା ଅଧିକାରୀ ସନ୍ତୋଷ କୁମାର ବଳଙ୍କ ସମେତ ପୁରା ପୋଲିସ୍ ଟିମ୍ ରବିବାର ସନ୍ଧ୍ୟାରେ ସହରରେ ଫ୍ଲାଗ୍ ମାର୍ଚ୍ଚ କରିଥିଲେ । ସୋମାବାର ଦିନ ଗଣେଷ ପୂଜା ଓ ଗୁରୁବାର ଦିନ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ପାରାଦୀପ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପାରାଦୀପ ପୋଲିସ୍ ପକ୍ଷରୁ କଡା ପଦକ୍ଷେପ ନିଆଯାଉଛି । ଦୁଇ ଦିନ ପୂର୍ବରୁ ପାରାଦୀପ ଅଞ୍ଚଳର ଅଭ୍ୟାସଗତ ଅପରାଧୀ ମାନଙ୍କୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମାଣେ ଥାନାକୁ ଡକାଇ ତାଗିଦ୍ କରିଥିଲେ । ଏଥି ସହିତ ପାରାଦୀପ ଅଞ୍ଚଳରେ ଥିବା ବେଆଇନ୍ କାର୍ଯ୍ୟକଳାପ ନେଇ ସ୍ୱା ରେ ଚଢାଉ କରାଯାଇଥିଲା କ୍ଷ ପାରାଦୀପ ବିଶ୍ୱକର୍ମା ପୂଜା ମଣ୍ଡପ ଆରମ୍ଭ ରିକ୍ରେସନ୍ କ୍ଲବ୍ ଠାରୁ ପାରାଦୀପ ଥାନା ପର୍ଯ୍ୟନ୍ତ ପୋଲିସ୍ ଟିମ୍ ମାର୍ଚ୍ଚ ପାଷ୍ଟ କରିଥିଲେ । ଲଗାତର ଦୁଇ ଦୁଇଟି ପୂଜା ମହୋତ୍ସବ କୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଗଣେଷ ପୂଜା ମଣ୍ଡପମାନ ତିଆରି ହୋଇଛି । ଏଥି ସହିତ ବଡପଡିଆ ଥାନା ଛକରୁ ରିକ୍ରେସନ୍ କ୍ଲବ୍ ପର୍ଯ୍ୟନ୍ତ ପ୍ରାୟ ୧୧ ଗୋଟି ବିଶ୍ୱକର୍ମା ପୂଜା ମଣ୍ଡପମାନ ତିଆରି ଚାଲିଛି । ଏହି ଦୁଇଟି ପୂଜାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମାଣେ ପୁରା ଦମ୍ ?ରେ ଲାଗି ପଡିଛନ୍ତି । ମହୋତ୍ସବ ସମୟରେ ଯେପରି କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନହୁଏ, ସେଥିପ୍ରତି ପୋଲିସ କଡା ନଜର ରଖିଥିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମାଣେ ସୂଚନା ଦେଇଛନ୍ତି ।

## ପାଟଣା ରେ ଗଣପତି ଙ୍କ ପୂଜା ଅନୁଷ୍ଠିତ

ପାଟଣା:-(ମହାଭାରତ) ସମସ୍ତ ଶିକ୍ଷା ଅନୁଷ୍ଠାନ ଗୁଡିକ ବିଦ୍ୟାଦାତା ଗଣେଶଙ୍କ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହେଉ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ର ଶିକ୍ଷା ଅନୁଷ୍ଠାନ ଗୁଡିକ ରେ ଗଣେଶ ପୂଜା ଆୟୋଜନ କରାଯାଇ ଛି। ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଗଣେଶ ପୂଜା ଆୟୋଜନ କରାଯିବା ସହ ସାଇ ନର୍ସିଂ କଲେଜ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏସ.ଟି ଜାଭିୟର ସ୍କୁଲ, ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଜି.ଏନ୍ ହାଇ ସ୍କୁଲ, ପ୍ରଠମିକ ଉଚ୍ଚ ବିଦ୍ୟାଳୟ ତଥା ଶଧୂପଡ଼ା ପ୍ରାଥମିକ ବିଦ୍ୟାଳୟ,ପୁଟୁଳିଆ ପ୍ରାଥମିକ ବିଦ୍ୟାଳୟ,ମାଧୁପୁର ପ୍ରାଥମିକ ବିଦ୍ୟାଳୟ ଧୂମଧାମ ରେ ଛାତ୍ରଛାତ୍ରୀ ପାଳନ କରିବା ସହିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,କୁମାର ଉତ୍ସବ କମିଟି,ସାନ ଜାମୁପଶି ବ୍ଲାକ ଏଣ୍ଡ ହୁଆଇଟ କ୍ଲବ୍,ବଡପାଟଣା ଯୁବକ ସଂଘ ପକ୍ଷ ରୁ ମହା ସମାରୋହ ରେ ଗଣେଶ ପୂଜା ଆୟୋଜିତ କରାଯାଇ ଛି।

## ଗଣେଶ ପୂଜା ନେଇ ଆଳି ଅଞ୍ଚଳ ଉତ୍ସବ ମୁଖର

ଆଳି, (ମହାଭାରତ) : ଗଣେଶ ପୂଜାକୁ ନେଇ ଆଳି ଅଞ୍ଚଳ ଉତ୍ସବ ମୁଖର ହୋଇ ପଡିଛି । ଅଞ୍ଚଳର ସ୍କୁଲ,କଲେଜ,ସାମାଜିକ ଅନୁଷ୍ଠାନ ସହିତ ଗ୍ରାମରେ ଥିବା ଯୁବକ ସଙ୍ଘ ପକ୍ଷରୁ ଗଣେଶ ପୂଜା ଧୁମଧାମରେ ପାଳିତ ହେଉଛି । ଆଳି ଅଞ୍ଚଳର ପି ଏମ ଶ୍ରୀ ଶରତ କୁମାର ଦେବ ନୋଡାଲ ହାଇସ୍କୁଲ,ଚଣ୍ଡିଆଗଡି ହାଇସ୍କୁଲ,ମେଣ୍ଟପୁର ଗ୍ରାମ ପଂଚାୟତ ହାଇସ୍କୁଲ,ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜାଭିୟର ଇଣ୍ଟର ନେସନାଲ ସ୍କୁଲ,ସତ୍ୟସାଇ ବିଦ୍ୟାବିହାର,ଆଳି ମହାବିଦ୍ୟାଳୟ, ଆୟତପୁର ଲକ୍ଷ୍ମୀବରାହ କଲେଜ ସମେତ ସମସ୍ତ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ଗଣେଶ ପୂଜା ପାଳନ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ଗଣପତିଙ୍କ ପୂଜାର୍ଚ୍ଚନା କରିଥିଲେ । ସେହିପରି ଚଣ୍ଡିଆଗଡି ପଞ୍ଚାୟତ ମାଳପାଟଣାର ଶିଶୁମଙ୍ଗଳ ଯୁବକ ସଙ୍ଘ,ଗୋପ ଜଗତଜ୍ୟୋତି ଯୁବକ ସଙ୍ଘ,ଇଛାପୁରର ବାବା ଗାଦି ଗୋସ୍ୱାମୀ ଯୁବ ଯାଦବ ସଙ୍ଘ,ଦେମାଳ ଲକ୍ଷ୍ମୀ ବରାହ ଯୁବକ ସଙ୍ଘ, ଯୁଗଜ୍ୟୋତି ଯୁବକ ସଙ୍ଘ ଗୌଡପାଟଣା ମା ମଙ୍ଗଳା ଯୁବକ ସଙ୍ଘ,ନୂଆଗାଁର ମା କଣ୍ଟେଶ୍ୱରୀ ଯୁବକ ସଙ୍ଘ ସହିତ ବିଭିନ୍ନ ଗ୍ରାମରେ ଥିବା ଯୁବକ ସଙ୍ଘ ପକ୍ଷରୁ ମଧ ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ଯୁବକ ସଙ୍ଘ ପକ୍ଷରୁ ଗଣେଶଙ୍କ ମୂର୍ତ୍ତି ସହିତ ତୋରଣ ଓ ରଙ୍ଗୀନ ଆଲୋକରେ ସାଜସଜା କରିଛନ୍ତି । ଯାହାକି ଉତ୍ସବର ମାହୋଲ ସୃଷ୍ଟି କରିଛି ।

## ଗଣେଶ ପୂଜା ପାଇଁ ଚଳଚଞ୍ଚଳ ଠାକୁରମୁଣ୍ଡା



କରଞ୍ଜିଆ, ୧୪/୦୯ (ମହାଭାରତ) ପବିତ୍ର ଗଣେଶ ପୂଜା ଅବସରରେ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ବିଭିନ୍ନ ପୂଜାମଣ୍ଡପ, ଶିକ୍ଷାନୁଷ୍ଠାନ, କ୍ଲବ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆନନ୍ଦ ଓ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଏବର୍ଷ ବିଭିନ୍ନ ପୂଜାସ୍ଥଳୀରେ ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ତୁଳନାମୂଳକ ଭାବେ କମ୍ ସାଉଣ୍ଡ ବ୍ୟବହାର କରାଯାଇଥିଲା। ଫଳରେ ଶାନ୍ତ ଓ ସୁନ୍ଦର ପରିବେଶ ମଧ୍ୟରେ ପୂଜାବିଧି ସମ୍ପନ୍ନ ହୋଇଥିଲା। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ମେଢ ଓ ପୂଜାମଣ୍ଡପ ସଜାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ମଣ୍ଡପ ନିର୍ମାଣ କରାଯାଇ ପ୍ରଭୁ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ବିଭିନ୍ନ ଛକ ଓ ପଡ଼ିଆ ସ୍ଥାନରେ ମଧ ମେଢ ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ତାଳପଦାର ରାଧେଗୋପାଳ କ୍ଲବ ଓ ଷ୍ଟାର କ୍ଲବ ପକ୍ଷରୁ ମଧ୍ୟ ଆକର୍ଷଣୀୟ ଭାବେ ଗଣେଶ ପୂଜା ଆୟୋଜନ କରାଯାଇଥିଲା। ସେହିପରି ଠାକୁରମୁଣ୍ଡା ମନ୍ଦିରସାହି, ମା' ବାସୁଳି ପଡ଼ିଆ ସମେତ ବିଭିନ୍ନ ସ୍ଥାନରେ ମଧ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଥିଲା। ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଉତ୍ସାହର ସହ ଗଣେଶ ପୂଜା ପାଳନ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ସକାଳ ପ୍ରାୟ ୮ଟାରୁ ପୂଜାବିଧି ଆରମ୍ଭ ହୋଇ ଦିନ ପ୍ରାୟ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଛାତ୍ରଛାତ୍ରୀମାନେ ପୂଜାରେ ସାମିଲ ହୋଇ ପ୍ରଭୁ ଗଣେଶଙ୍କ ଆଶୀର୍ବାଦ ନେଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ କ୍ଲବ ଓ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପୂଜାମଣ୍ଡପରେ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜାବିଧି ଜାରି ରହିଥିଲା। ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଛୋଟ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବକ ଓ ବୟସ୍କମାନେ ମଧ ପୂଜାମଣ୍ଡପକୁ ଯାଇ ପ୍ରଭୁ ଗଣେଶଙ୍କ ଦର୍ଶନ କରିଥିଲେ। ସମଗ୍ର ଠାକୁରମୁଣ୍ଡା ଅଞ୍ଚଳରେ ଭକ୍ତିମୟ ପରିବେଶ ସହ ଗଣେଶ ପୂଜାକୁ ନେଇ ଉତ୍ସାହ ଓ ଆନନ୍ଦର ମାହୋଲ ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ପୂଜା ପର୍ବ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

## ପାରାଦୀପ ବନ୍ଦର ବିକାଶ ପାଇଁ ସାଂସଦ ବିଭୁ ତରାଇ ଓ ବନ୍ଦରାଧକ୍ଷ ସୁଶାନ୍ତ ପୁରୋହିତ ଙ୍କ ଆଲୋଚନା



ପାରାଦୀପ, (ମହାଭାରତ) : ଜଗତସିଂପୁରର ସାଂସଦ ଡ଼ଃ.ବିଭୁ ପ୍ରସାଦ ତରାଇ ଓ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ ଙ୍କ ମଧ୍ୟରେ ବନ୍ଦର ପ୍ରଶାସନିକ ଭବନରେ ସୋମବାର ଦିନ ଏକ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା । ଏହି ଅବସରରେ ଏକ ଆଲୋଚନାରେ ବନ୍ଦର-କେନ୍ଦ୍ରିତ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢାଇବା, ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ ଭିତ୍ତିଭୂମିକୁ ସୁଦୃଢ଼ କରିବା, ମଲ୍ଟିମୋଡାଲ ସଂଯୋଗ ବୃଦ୍ଧି କରିବା ଏବଂ ଏହି ଅଞ୍ଚଳରେ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଓଡ଼ିଶାର ସାମୁଦ୍ରିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଏବଂ ବିକଶିତ ଭାରତର ଦୃଷ୍ଟିକୋଣରେ ଯୋଗଦାନ ଦେବା ପାଇଁ ମିଳିତ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଆଯାଇଥିଲା।


# ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ସିବିଆଇ ପକ୍ଷରୁ ଏଫଆଇଆର୍ ରୁଜୁ, ରହିଛି ବଡ଼ ବଡ଼ିଆଙ୍କ ନାଁ



ମୁମ୍ବାଇ : ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ସିବିଆଇ ପକ୍ଷରୁ ଏଫଆଇଆର୍ ରୁଜୁ । ଆଦିତ୍ୟ ଠାକରେ, ଡିନୋ ମୋରିଆ ଓ ରିୟା ଚକ୍ରବର୍ତ୍ତୀଙ୍କ ନାଁ ଏଫଆଇଆରରେ ସାମିଲ । ସ୍ୱର୍ଗତ ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ଆଜି ସିବିଆଇ ଆନୁଷ୍ଠାନିକ ଭାବେ ଏଫଆଇଆର୍ ରୁଜୁ କରିଛି । ରାଜନେତା, ଅଭିନେତା ଓ ପୋଲିସ ଅଧିକାରୀଙ୍କ ନାଁ ଏଫଆଇଆରରେ ରହିଛି ।

ଶିବସେନା ଟଇଞ୍ଚ ନେତା ତଥା ବିଧାୟକ ଆଦିତ୍ୟ ଠାକରେଙ୍କ ନାଁରେ ତଦନ୍ତକୁ ଚପାଇଦେବା ଅଭିଯୋଗ ରହିଛି । ସେହିପରି ସରକାରୀ କଳର ଅପବ୍ୟବହାର ଅଭିଯୋଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଏବଂ ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ଭୂମିକା ଉପରେ ମଧ୍ୟ ଅଭିଯୋଗ ଉଠିଛି । ଅଭିନେତା ଡିନୋ ମୋରିଆ, ସୁରଜ ପାଞ୍ଚୋଲି, ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ, ରିୟାଙ୍କ ଭାଇ ଶୌଭିକ ଚକ୍ରବର୍ତ୍ତୀ, ଦିଶାଙ୍କ ସାଥୀ ରୋହନ ରାୟ ଏବଂ ଆଦିତ୍ୟ ଠାକରେଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀଙ୍କ ନାଁରେ ମଧ୍ୟ ଅଭିଯୋଗ ରହିଛି । ଏହାସହ ମୁମ୍ବାଇର ତତ୍କାଳୀନ ପୋଲିସ କମିଶନର ପରମବୀର ସିଂହଙ୍କ ସହ ମାଲଭାନି ଥାନା ଏବଂ SIT ସହ ଜଡ଼ିତ ଥିବା ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ନାଁ ଏଫଆଇଆରରେ ରହିଛି । ପୋଷ୍ଟମର୍ଟମ୍ ପ୍ରକ୍ରିୟାରେ ସମ୍ପୃକ୍ତ ଥିବା ଡାକ୍ତର ଓ ମେଡିକାଲ କର୍ମଚାରୀ, କଲିନାସ୍ଥିତ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ (FSL)ର କର୍ମଚାରୀ ଏବଂ ଘଟଣା ଘଟିଥିବା ଆପାର୍ଟମେଣ୍ଟର ସୁରକ୍ଷାକର୍ମୀଙ୍କ ନାଁ ମଧ୍ୟ ଉଲ୍ଲେଖ ରହିଛି । ଏଫଆଇଆରରେ ଆଇପିସିର ହତ୍ୟା ଧାରା ୩୦୨, ଗଣଦୁଷ୍କର୍ମ ଧାରା ୩୭୬D, ଅପରାଧିକ ଷଡ଼ଯନ୍ତ୍ର ଧାରା ୧୨୦ଈ, ପ୍ରମାଣ ନଷ୍ଟ କରିବା ପାଇଁ IPC ଧାରା ୨୦୧ ଲାଗିଛି । ମିଥ୍ୟା ସୂଚନା ପ୍ରଦାନ ପାଇଁ ୧୭୭/୧୮୨ ଓଟଭ ଧାରା ଲଗାଯାଇଛି । ୮ ଜୁନ୍ ୨୦୨୦ରେ ୨୮ ବର୍ଷୀୟା ସେଲିବ୍ରିଟି ମ୍ୟାନେଜର ଦିଶା ସାଲିଆନ୍ ମୁମ୍ବାଇର ମଲାଡ୍ ସ୍ଥିତ ଏକ ଆପାର୍ଟମେଣ୍ଟରୁ ଖସିପଡ଼ି ପ୍ରାଣ ହରାଇଥିଲେ । ମୁମ୍ବାଇ ପୋଲିସ ଦୀର୍ଘ ଦିନ ଧରି ଏହାକୁ କେବଳ ଏକ ଅପମୃତ୍ୟୁ ମାମଲା (ADR) ଭାବେ ରଖିଥିଲା । ଏହାର ୬ ଦିନ ପରେ ୧୪ ଜୁନ୍ ୨୦୨୦ରେ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ତାଙ୍କ ବାନ୍ଦ୍ରା ବାସଭବନରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଉଭୟ ମାମଲା ମଧ୍ୟରେ କୌଣସି ଲିଙ୍କ୍ ଥାଇପାରେ ବୋଲି ସନ୍ଦେହ କରାଯାଉଥିଲା । ଦିଶାଙ୍କ ପରିବାରର ସଙ୍ଗୀନ ଅଭିଯୋଗକୁ ଭିତ୍ତି କରି କୋର୍ଟ ତୁରନ୍ତ ସିବିଆଇକୁ ତଦନ୍ତ ଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।


# ଆତ୍ମ ସମର୍ପଣ କଲେ ତରୁଣ ତେଜପାଲ୍, ସୁପ୍ରିମକୋର୍ଟ ଦେଇଥିଲେ ନିର୍ଦ୍ଦେଶ




ମୁମ୍ବାଇ : ତହଲକାର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ଆତ୍ମସମର୍ପଣ କରିଛନ୍ତି । ୨୦୧୩ର ଦୁଷ୍କର୍ମ ମାମଲାରେ ସୋମବାର ଗୋଆର ମାପୁସା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ବମ୍ବେ ହାଇକୋର୍ଟଙ୍କ ଦୋଷୀ ସାବ୍ୟସ୍ତ ରାୟ ବିରୋଧରେ ତାଙ୍କ ଆବେଦନର ଶୁଣାଣି ପୂର୍ବରୁ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ତେଜପାଲ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ଗତ ମାସରେ ସୁପ୍ରିମକୋର୍ଟ ତେଜପାଲଙ୍କ ଆତ୍ମସମର୍ପଣରୁ ଛାଡ଼ ପାଇବା ସମ୍ପର୍କିତ ଆବେଦନକୁ ଖାରଜ କରିଥିଲେ । ଏଥିସହ ତାଙ୍କୁ ତିନି ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବରୁ ତାଙ୍କ ଓକିଲ ସର୍ବନିମ୍ନ ଦଣ୍ଡ ସହ ଆତ୍ମସମର୍ପଣ କରିବାକୁ ଅତିକମରେ ୮ ସପ୍ତାହ ସମୟ ମାଗିଥିଲେ । ସୂଚନାଯୋଗ୍ୟ, ୨୦୧୩ ନଭେମ୍ବରରେ ତେହେଲକା ପତ୍ରିକାର ପୂର୍ବତନ ମୁଖ୍ୟ ସମ୍ପାଦକ ତରୁଣ ତେଜପାଲଙ୍କ ବିରୋଧରେ ଗୋଆର ଏକ ବିଳାସପୂର୍ଣ୍ଣ ହୋଟେଲ ଲିଫ୍ଟ ଭିତରେ ଜଣେ ସହକର୍ମୀ ମହିଳା ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା । ମେ ୨୦୨୧ରେ ଗୋଆର ମାପୁସା ଜିଲ୍ଲା ଓ ଦୌରା ଅଦାଲତ ପ୍ରମାଣ ଅଭାବରୁ ତେଜପାଲଙ୍କୁ ସମସ୍ତ ଅପରାଧିକ ମାମଲାରୁ ଦୋଷମୁକ୍ତ କରିଥିଲେ । ନିମ୍ନ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଗୋଆ ସରକାର ବମ୍ବେ ହାଇକୋର୍ଟରେ ଅପିଲ କରିଥିଲେ ।

# ଇଣ୍ଡୋନେସିଆରେ ଜାହାଜ ଦୁର୍ଘଟଣା ପରେ ସର୍ଚ୍ଚ ଅପରେସନ ଜାରି, ୧୨୯ ଜଣ ଏବେ ବି ନିଖୋଜ

ଇଣ୍ଡୋନେସିଆ: ଇଣ୍ଡୋନେସିଆରେ ଜାହାଜ ଦୁର୍ଘଟଣା ପରେ ସର୍ଚ୍ଚ ଅପରେସନ ଜାରି । ଶନିବାର ଖରାପ ପାଗ ଓ ଅଶାନ୍ତ ସମୁଦ୍ର ମଧ୍ୟରେ ଜାଭା ସାଗରରେ ଯାତ୍ରୀବାହୀ ଜାହାଜ 'ଠସକ୍ସଶଙ୍କ୍ଷ ଞକ୍ସବଭଷ୍ପକ୍ଷୁକ୍ଷକ୍ସଷ୍ପ ୮' ଓଲଟିଥିଲା । ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨୯ ଜଣ ଏବେ ବି ନିଖୋଜ ଅଛନ୍ତି । ୧୦୮ ଜଣଙ୍କୁ ଉଦ୍ଧାର କରାଯାଇଛି । ଇଷ୍ଟ ଜାଭାର ସୁରାବାୟାରୁ ସାଉଥ୍ କାଲିମାନ୍ତାନର ବାଞ୍ଜାରମାସିନ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ଜାହାଜ । ଏଥିରେ ୩୦ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୨୪୩ ଜଣ ଥିଲେ । ଗତକାଲି ଭୋରରେ ଖରାପ ପାଗ ମଧ୍ୟରେ ଜାହାଜଟି ବିପଦରେ ପଡ଼ିଥିଲା । ପରେ ହେଲିକପ୍ଟରରୁ ଜାହାଜଟି ଓଲଟି ପଡ଼ିଥିବା ଦେଖାଯାଇଥିଲା । ଦୁର୍ଘଟଣା ପରେ ସମୁଦ୍ରରେ ବ୍ୟାପକ ଉଦ୍ଧାର ଅଭିଯାନ ଚାଲିଛି । ନିଖୋଜ ୧୨୯ ଜଣଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛନ୍ତି । ଉଦ୍ଧାର ହୋଇଥିବା ଯାତ୍ରୀଙ୍କୁ ଅନ୍ୟ ଜାହାଜକୁ ନିଆଯାଇଛି । ଜଣେ ଉଦ୍ଧାର ପାଇଥିବା ଯାତ୍ରୀ ରିଷ୍ଟୋ ଆରାହାବ କହିଛନ୍ତି, ଜାହାଜ ଓଲଟିବା ପରେ ସେ ରେଲିଂକୁ ଜୋରରେ ଧରି ରହିଥିଲେ । କୌଣସି ପ୍ରକାରେ ଜାହାଜର ଉପର ଅଂଶକୁ ଚଢ଼ି ଜୀବନ ବଞ୍ଚାଇଥିଲେ । ସେହି ସମୟରେ ତାଙ୍କ ପାଖରେ ପ୍ରାର୍ଥନା କରିବା ଛଡ଼ା ଆଉ କୌଣସି ଉପାୟ ନଥିଲା । ଏପଟେ ବାଞ୍ଜାରମାସିନରେ ନିଖୋଜ ଯାତ୍ରୀଙ୍କ ପରିବାର ଲୋକେ ଖବର ପାଇବା ଅପେକ୍ଷାରେ ରହିଛନ୍ତି । ଦୁର୍ଘଟଣାର ପ୍ରକୃତ କାରଣ କଣ, ତାର ତଦନ୍ତ ଚାଲିଥିବା ଇଣ୍ଡୋନେସିଆର ପରିବହନ ମନ୍ତ୍ରୀ କହିଛନ୍ତି ।





# ମଝି ଆକାଶରେ ଭୟଙ୍କର ଝଡ଼ରେ ଫସିଲା ବିମାନ, ଅଳ୍ପକେ ବର୍ତ୍ତିଗଲା ଅନେକ ଯାତ୍ରୀଙ୍କ ଜୀବନ




ନୂଆଦିଲ୍ଲୀ : ଟର୍କିସ୍-ଏୟାରଲାଇନ୍ସ ଭୟଙ୍କର ଝଟକା । ଇସ୍ତାନବୁଲ୍-ଟ୍ୟୁନିସିଆ ବିମାନ ଦୁର୍ଘଟଣା ଟଳିଲା । ୩ ଥର ଅସଫଳ ଅବତରଣ ହେବା ପରେ ବିମାନକୁ ଡାଇଭର୍ଟ କରାଯାଇଛି । ଖରାପ ପାଗ ଯୋଗୁଁ ବଡ଼ ଝଟକା ଲାଗିଛି । ଇସ୍ତାନବୁଲରୁ ଟ୍ୟୁନିସିଆ ଯାଉଥିବା ଏକ ଟର୍କିସ୍ ଏୟାରଲାଇନ୍ସର ବିମାନ ଖରାପ ପାଗ ଯୋଗୁଁ ଆକାଶରେ ପ୍ରବଳ ଝଟକାର ସାମ୍ନା କରିଛି । ତେବେ ପାଇଲଟଙ୍କ ସୂଚନା ଓ ଧୈର୍ଯ୍ୟ ଯୋଗୁଁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି । ବିମାନଟି ଅନ୍ୟ ଏକ ଏୟାରପୋର୍ଟରେ ସୁରକ୍ଷିତ ଭାବେ ଅବତରଣ କରିଛି । ଖବର ମୁତାବକ, ବିମାନଟି ଇସ୍ତାନବୁଲରୁ ଟ୍ୟୁନିସିଆ ଅଭିମୁଖେ ଉଡ଼ାଣ ଭରିଥିବା ଞକ ୬୬୧ ଟ୍ୟୁନିସିଆର ଟ୍ୟୁନିସ୍-କାର୍ଥେଜ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇବା ସମୟରେ ବିମାନଟି ପ୍ରବଳ ଝଡ଼ର ସାମ୍ନା କରିଥିଲା । ଖରାପ ପାଗ ଯୋଗୁଁ ପାଇଲଟ୍ ମାନେ ତିନି ଥର ଅବତରଣ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ପ୍ରତ୍ୟେକ ଥର ଚେଷ୍ଟା କରିବା ବେଳେ ବିମାନରେ ଅଧିକ ଝଟକା ଅନୁଭୂତ ହୋଇଥିଲା । ବିମାନ ଭିତରେ ଥିବା ଯାତ୍ରୀମାନେ ଭୟରେ ଚିତ୍କାର କରୁଥିବାର ଭିଡିଓ ଭାଇରାଲ ହେଉଛି । ଯାତ୍ରୀମାନେ ଭୟଭୀତ ହୋଇ ଚିତ୍କାର କରିଥିଲେ । ବିପଦକୁ ଦେଖି ପାଇଲଟ୍ ବିମାନର ଗତିପଥ ବଦଳାଇ ଦେଇଥିଲେ । ୬୦ ମାଇଲ୍ ଦୂରରେ ଥିବା ଏନଫିଧା-ହାମାମେଟ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନିଆଯାଇଥିଲା । ସେଠାରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା । ସୌଭାଗ୍ୟବଶତଃ କୌଣସି ଯାତ୍ରୀ ବା କ୍ରୁ ମେମ୍ବର ଗୁରୁତର ଆହତ ହୋଇନାହାନ୍ତି ।

# ଭାରତ 'କୃତ୍ରିମ ସୂର୍ଯ୍ୟ' ନିର୍ମାଣର ନିକଟତର, ଏସ୍ଏସ୍ଟି-୧ରେ ଲାଗିଲା ନୂଆ ଗାଇରୋଟ୍ରନ୍



ନୂଆଦିଲ୍ଲୀ: ଭାରତର 'କୃତ୍ରିମ ସୂର୍ଯ୍ୟ' ନିର୍ମାଣ ପ୍ରୟାସରେ ଆଉ ଏକ ବଡ଼ ପଦକ୍ଷେପ ନିଆଯାଇଛି । ଗୁଜରାଟସ୍ଥିତ ପ୍ଲାଜ୍ମା ଗବେଷଣା ପ୍ରତିଷ୍ଠାନରେ ଥିବା ଏସ୍ଏସ୍ଟି-୧ ଟୋକାମାକ୍‌ରେ ନୂଆ ୮୨.୬ ଗିଗାହର୍ଜ ଓ ୪୦୦ କିଲୋୱାଟ୍ କ୍ଷମତାର ଗାଇରୋଟ୍ରନ୍ ସ୍ଥାପନ କରାଯାଇଛି । ସୋମବାର ଏହାର ସ୍ଥାପନ ଓ ପରୀକ୍ଷାମୂଳକ କାର୍ଯ୍ୟକ୍ଷମତା ପ୍ରଦର୍ଶନ ଆରମ୍ଭ ହୋଇଛି । ଏହି ନୂଆ ଉପକରଣ ଅତ୍ୟଧିକ ତାପମାତ୍ରାର ପ୍ଲାଜ୍ମାକୁ ଅଧିକ ସମୟ ଧରି ଗରମ ଓ ସ୍ଥିର ରଖିବାରେ ବୈଜ୍ଞାନିକମାନଙ୍କୁ ସହାୟତା କରିବ ।

ଏସ୍ଏସ୍ଟି-୧ର ଅର୍ଥ ହେଉଛି 'ଷ୍ଟେଡି ଷ୍ଟେଟ୍ ସୁପରକଣ୍ଡକ୍ଟିଂ ଟୋକାମାକ୍' । ଏହା ଏକ ପରୀକ୍ଷାମୂଳକ ଫ୍ୟୁଜନ୍ ଯନ୍ତ୍ର । ସୂର୍ଯ୍ୟ ଓ ଅନ୍ୟ ନକ୍ଷତ୍ରରେ ଯେଉଁ ପ୍ରକ୍ରିୟାରେ ଶକ୍ତି ଉତ୍ପନ୍ନ ହୁଏ, ପୃଥିବୀରେ ସେହି ପ୍ରକ୍ରିୟାକୁ ଅନୁକରଣ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଫ୍ୟୁଜନ୍‌ରେ ହାଲୁକା ପରମାଣୁର କେନ୍ଦ୍ରକୁ ଅତ୍ୟଧିକ ତାପମାତ୍ରା ଓ ଚାପରେ ପରସ୍ପର ସହ ମିଶାଯାଏ । ଏହି ପ୍ରକ୍ରିୟାରୁ ବହୁ ପରିମାଣର ଶକ୍ତି ମିଳିପାରେ । ଏଥିପାଇଁ ଟୋକାମାକ୍ ଭିତରେ ଅତ୍ୟଧିକ ଗରମ ପ୍ଲାଜ୍ମା ସୃଷ୍ଟି କରାଯାଏ । ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ଏହି ପ୍ଲାଜ୍ମାକୁ ଯନ୍ତ୍ରର କାନ୍ଥଠାରୁ ଦୂରରେ ରଖାଯାଏ । ଭାରତୀୟ ଫ୍ୟୁଜନ୍ ପରୀକ୍ଷଣରେ ପ୍ଲାଜ୍ମାର ତାପମାତ୍ରା ୨୦ କୋଟି ଡିଗ୍ରି ସେଲ୍‌ସିୟସ୍‌ରୁ ଅଧିକ ହୋଇସାରିଛି । ଏହା ସୂର୍ଯ୍ୟର କେନ୍ଦ୍ରର ତାପମାତ୍ରାଠାରୁ ପ୍ରାୟ ୨୦ ଗୁଣ ଅଧିକ ।

ତେବେ କେବଳ ଏତେ ଅଧିକ ତାପମାତ୍ରା ହାସଲ କରିବା ଯଥେଷ୍ଟ ନୁହେଁ । ପ୍ଲାଜ୍ମାକୁ ଦୀର୍ଘ ସମୟ ଧରି ସ୍ଥିର ରଖିବା ହେଉଛି ବୈଜ୍ଞାନିକଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ । ନୂଆ ଗାଇରୋଟ୍ରନ୍ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ । ଏହା ଉଚ୍ଚ ଆବୃତ୍ତିର ମାଇକ୍ରୋୱେଭ୍ ଶକ୍ତି ଉତ୍ପନ୍ନ କରି ପ୍ଲାଜ୍ମାକୁ ଗରମ କରେ । ପୂର୍ବରୁ ଏସ୍ଏସ୍ଟି-୧ରେ ୪୨ ଗିଗାହର୍ଜର ଗାଇରୋଟ୍ରନ୍ ବ୍ୟବହାର ହେଉଥିଲା । ନୂଆ ବ୍ୟବସ୍ଥା ଏହାଠାରୁ ଅଧିକ କ୍ଷମତାଶାଳୀ । ତେବେ ଏହି ଗାଇରୋଟ୍ରନ୍ ଲାଗିବା ମାତ୍ରେ ଏସ୍ଏସ୍ଟି-୧ ବିଦ୍ୟୁତ୍ ଉତ୍ପାଦନ କରୁଥିବା ଫ୍ୟୁଜନ୍ କେନ୍ଦ୍ର ପାଲଟିବ ନାହିଁ । ଏହାର ଉଦ୍ଦେଶ୍ୟ ହେଉଛି ଅତ୍ୟଧିକ ଗରମ ପ୍ଲାଜ୍ମାକୁ ନିୟନ୍ତ୍ରଣ ଓ ସ୍ଥିର ରଖିବା ନେଇ ଗବେଷଣାକୁ ଆହୁରି ଆଗକୁ ନେବା ।

# ହୁତି କବ୍‌ଜାରେ ମାୟୁନ୍ ଦ୍ୱୀପ; ଆମେରିକାର ଆଫ୍ରିକାସ୍ଥିତ ସାମରିକ ଘାଟି ଉପରେ ବଢ଼ିଲା ବିପଦ

ସାନା: ୟେମେନ୍‌ର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀମାନେ ରେଡ୍ ସି'ର ଗୁରୁତ୍ୱପୂର୍ଣ୍ଣ ବାବ୍ ଅଲ୍-ମନ୍ଦେବ୍ ଜଳପଥ ମଝିରେ ଥିବା ମାୟୁନ୍ ଦ୍ୱୀପକୁ ଦଖଲ କରିନେଇଛନ୍ତି । ଏହାର ଗୋଟିଏ ଦିନ ପୂର୍ବରୁ ସେମାନେ ରେଡ୍ ସି' କୂଳର ଐତିହାସିକ ମୋଚା ବନ୍ଦରକୁ ମଧ୍ୟ ନିଜ ନିୟନ୍ତ୍ରଣକୁ ନେଇଥିଲେ । ଏହା ଫଳରେ ଏସିଆ ଓ ୟୁରୋପ୍ ମଧ୍ୟରେ ଜାହାଜ ଚଳାଚଳ ଏବଂ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ଜଳପଥ ଉପରେ ହୁତିଙ୍କ ପ୍ରଭାବ ବଢ଼ିଛି । ମାୟୁନ୍‌କୁ ପେରିମ୍ ମଧ୍ୟ କୁହାଯାଏ । ଏହା ବାବ୍ ଅଲ୍-ମନ୍ଦେବ୍‌ର ମଝିରେ ଥିବା ଏକ ଛୋଟ ଆଗ୍ନେୟଗିରି ଦ୍ୱୀପ । ଏହି ଜଳପଥ ଏହାର ସଂକୀର୍ଣ୍ଣ ସ୍ଥାନରେ ପ୍ରାୟ ୨୯ କିମି ଚଉଡ଼ା । ମାୟୁନ୍ ଦଖଲ କରିବା ପରେ ହୁତିମାନେ ଜିବୁତି ଉପକୂଳଠାରୁ ପ୍ରାୟ ୩୨ କିମି ଦୂରରେ ପହଞ୍ଚିଛନ୍ତି । ସେମାନଙ୍କ ନିୟନ୍ତ୍ରଣରେ ଥିବା ଅଞ୍ଚଳ ଆମେରିକାର ଆଫ୍ରିକାସ୍ଥିତ ପ୍ରମୁଖ ସାମରିକ ଘାଟି କ୍ୟାମ୍ପ ଲେମୋନିଅର୍‌ଠାରୁ ୧୩୦ କିମିରୁ କମ୍ ଦୂରରେ ରହିଛି । କ୍ୟାମ୍ପ ଲେମୋନିଅର୍ ଆମେରିକାର ଆଫ୍ରିକା ମହାଦେଶର ଏକମାତ୍ର ସ୍ଥାୟୀ ସାମରିକ ଘାଟି । ଏଠାରେ ୪,୦୦୦ରୁ ଅଧିକ ସାମରିକ ଓ ବେସାମରିକ କର୍ମଚାରୀ ରହିଛନ୍ତି । ଆତଙ୍କବାଦ ବିରୋଧୀ ଅଭିଯାନ, ଡ୍ରୋନ୍ ଓ ସାମୁଦ୍ରିକ ସୁରକ୍ଷା କାର୍ଯ୍ୟକଳାପ ପାଇଁ ଏହି ଘାଟି ବ୍ୟବହାର ହୋଇଥାଏ । ଜିବୁତିରେ ଚୀନ୍, ଫ୍ରାନ୍ସ ଓ ଜାପାନ୍‌ର ମଧ୍ୟ ସାମରିକ ସୁବିଧା ରହିଛି । ୟେମେନ୍‌ରେ ୨୦୨୨ରେ ଜାତିସଂଘ ମଧ୍ୟସ୍ଥତାରେ ଅସ୍ତ୍ରବିରତି ହେବା ପରେ ପ୍ରାୟ ଶାନ୍ତି ରହିଥିଲା । ଜୁଲାଇରୁ ପରିସ୍ଥିତି ପୁଣି ଖରାପ ହେବା ଆରମ୍ଭ ହୋଇଥିଲା । ହୁତିମାନେ ୟେମେନ୍‌ର ଅନ୍ତର୍ଜାତୀୟ ସ୍ୱୀକୃତ ସରକାର ବିରୋଧରେ ଏକାଧିକ ମୋର୍ଚ୍ଚା ଖୋଲିଥିଲେ ।

ହୁତିଙ୍କ ଅଗ୍ରଗତି ରୋକିବାକୁ ସାଉଦି ଆରବ ସମର୍ଥିତ ୟେମେନ୍ ସରକାରୀ ବାହିନୀ ପାଲଟା ଆକ୍ରମଣ କରିଛି । ହୁତି ସାମରିକ ପ୍ରବକ୍ତା ୟାହ୍ୟା ସାରି କହିଛନ୍ତି, ୪୮ ଘଣ୍ଟା ମଧ୍ୟରେ ସାଉଦି ବିମାନ ୭ଟି ପ୍ରଦେଶରେ ୧୨୯ ଥର ଆକ୍ରମଣ କରିଛି । ତେବେ ସାଉଦି ଆରବ ଏହି ଆକ୍ରମଣକୁ ଆନୁଷ୍ଠାନିକ ଭାବେ ସ୍ୱୀକାର କରିନାହିଁ । ଏପଟେ ହୁତିମାନେ ସାଉଦି ଆରବର ଶରୁରାହସ୍ଥିତ ସାମରିକ ଘାଟି ଉପରେ ଆକ୍ରମଣ କରିଥିବା ଦାବି କରିଛନ୍ତି । ସାଉଦି କର୍ତ୍ତୃପକ୍ଷଙ୍କ ଅନୁସାରେ, ଜିଜାନ୍‌ରେ ଅନ୍ୟ ଏକ ହୁତି ପ୍ରକ୍ଷେପାସ୍ତ୍ର ପଡ଼ି ୨ ଜଣ ଆହତ ହୋଇଛନ୍ତି ଏବଂ ଏକ ମସଜିଦ୍, ଗାଡ଼ି ଓ କିଛି କୋଠା କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧ ଯୋଗୁଁ ସେପ୍ଟେମ୍ବର ଆରମ୍ଭରୁ ୮୨,୦୦୦ରୁ ଅଧିକ ୟେମେନ୍‌ବାସୀ ବିସ୍ଥାପିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨,୦୦୦ରୁ ଅଧିକ ଲୋକ ସଂକୀର୍ଣ୍ଣ ଜଳପଥ ପାର ହୋଇ ଜିବୁତିରେ ପହଞ୍ଚିଛନ୍ତି । ମାୟୁନ୍ ଓ ମୋଚା ଦଖଲ ପରେ ୟେମେନ୍ ଯୁଦ୍ଧ ଏବେ ସାଉଦି ଆରବର ସୁରକ୍ଷା, ବିଶ୍ୱ ତୈଳ ଯୋଗାଣ ଏବଂ ଇରାନ୍-ଆମେରିକା ମଧ୍ୟରେ ଚାଲିଥିବା ବିବାଦ ସହ ଅଧିକ ଜଡ଼ିତ ହୋଇଛି ।

# ପ୍ଲାଷ୍ଟିକ୍ ଆଉ ବର୍ଜ୍ୟ ନୁହେଁ, ବୈଜ୍ଞାନିକମାନେ ପେଟ୍ରୋଲ ଏବଂ ଡିଜେଲ ତିଆରି କରିବାର ସହଜ ଉପାୟ ଆବିଷ୍କାର : ଲ୍ୟାବ ପରୀକ୍ଷଣ ସଫଳ



ୱାସିଂଟନ: ସାରା ବିଶ୍ୱରେ ବଢ଼ୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ ପରିବେଶ ପାଇଁ ଏକ ଗମ୍ଭୀର ବିପଦ ପାଲଟିଛି । ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ଲାଷ୍ଟିକ୍ ?ରୁ ତିଆରି, ଯାହା ନଷ୍ଟ ହୋଇଗଲେ ପୁନଃବ୍ୟବହାର କରିବା ବହୁତ କଷ୍ଟକର, କିନ୍ତୁ ବୈଜ୍ଞାନିକମାନେ ଏହାର ସମାଧାନ ପାଇଛନ୍ତି । ଆମେରିକାର ଟେନେସିରେ ଥିବା ଓକ୍ ରିଜ୍ ନ୍ୟାସନାଲ୍ ଲାବୋରେଟୋରୀ (ଓଆରଏନଏଲ)ର ଗବେଷକମାନେ ଏହି ପ୍ଲାଷ୍ଟିକ୍ ?କୁ ଭାଙ୍ଗି ପେଟ୍ରୋଲ ଏବଂ ଡିଜେଲ ଭଳି ଇନ୍ଧନରେ ପରିଣତ କରିବାର ଏକ ଉପାୟ ଆବିଷ୍କାର କରିଛନ୍ତି । ବୈଜ୍ଞାନିକମାନେ ପଲିଥିନ୍ ଉପରେ ସେମାନଙ୍କର ପରୀକ୍ଷଣ କରିଥିଲେ, ଯାହା ବିଶ୍ୱର ସର୍ବାଧିକ ବ୍ୟବହୃତ ପ୍ଲାଷ୍ଟିକ୍ ମଧ୍ୟରୁ ଗୋଟିଏ । ପ୍ରୟୋଗଶାଳା ପରୀକ୍ଷଣ ସମୟରେ, ଗବେଷକମାନେ ଏହାକୁ ଭାଙ୍ଗିବା ପାଇଁ ଗରମ ଲୁଣର ଏକ ସରଳ ମିଶ୍ରଣ ବ୍ୟବହାର କରିଥିଲେ । ପ୍ରୟୋଗଶାଳାରେ ୨୦୦ ଡିଗ୍ରି ସେଲସିୟସ୍ ତାପମାତ୍ରାରେ ପ୍ଲାଷ୍ଟିକ୍ ?କୁ ରୂପାନ୍ତରିତ କରାଯାଇ ??ସେଥିରୁ ପ୍ରାୟ ୬୦% ପେଟ୍ରୋଲ୍ ବାହାର କରାଯାଇଥିଲା ।

ଅଧ୍ୟୟନ ରିପୋର୍ଟରେ ବୈଜ୍ଞାନିକମାନେ ଉଲ୍ଲେଖ କରିଛନ୍ତି ଯେ, ୨୦୦ ଡିଗ୍ରି ଅନେକ ପାରମ୍ପରିକ ପଦ୍ଧତି ତୁଳନାରେ ବହୁତ କମ୍ ତାପମାତ୍ରା, ଏବଂ ଏହା ପ୍ଲାଷ୍ଟିକକୁ ଇନ୍ଧନରେ ପରିଣତ କରିବା ପାଇଁ ଆବଶ୍ୟକ ଅନେକ ଉପାଦାନର ଆବଶ୍ୟକତାକୁ ମଧ୍ୟ ଦୂର କରିଥିଲା । ଏହି ପ୍ରକ୍ରିୟାରେ ଆଲୁମିନିୟମ କ୍ଲୋରାଇଡ୍ ତରଳ ଲବଣ ବ୍ୟବହାର କରାଯାଇଥିଲା । ଏହି ଲବଣକୁ ତରଳ ହେବା ପର୍ଯ୍ୟନ୍ତ ଗରମ କରାଯାଇଥିଲା । ବାଣିଜ୍ୟିକ ଭାବରେ ଉପଲବ୍ଧ ଅଜୈବ ଲବଣକୁ ପ୍ରତିକ୍ରିୟା ମାଧ୍ୟମ ଭାବରେ ବ୍ୟବହାର କରାଯାଇ ପଲିମର ଅପଚୟକୁ ଇନ୍ଧନରେ ପରିଣତ କରାଯାଇଥିଲା ବୋଲି ଅଧ୍ୟୟନର ସହ-ଲେଖକ ଜେନଜେନ୍ ୟାଙ୍ଗ କହିଛନ୍ତି । ପ୍ରଥମ ଥର ପାଇଁ କୌଣସି ଉତ୍ପ୍ରେରକ ଇନ୍‌ସିଏଟର ବିନା ଅବା ଦ୍ରାବକ ବିନା ୨୦୦ ଡିଗ୍ରି ସେଲସିୟସ୍ ତାପମାତ୍ରାରେ ଅପଚୟରୁ ଏକ ଉଚ୍ଚ-ମୂଲ୍ୟର ରାସାୟନିକ ପଦାର୍ଥ ଉତ୍ପାଦନ କରାଯାଇଛି ।

ପ୍ଲାଷ୍ଟିକ୍ ସାଧାରଣତଃ ୪୫୦ ରୁ ୫୦୦ ଡିଗ୍ରି ସେଲସିୟସ୍ ତାପମାତ୍ରାରେ ଭାଙ୍ଗିଯାଏ । ତେଣୁ ୨୦୦ ଡିଗ୍ରି ସେଲସିୟସ୍ ତାପମାତ୍ରା ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗବେଷକମାନେ ଜାଣିବାକୁ ଚାହୁଁଥିଲେ ଯେ, ତରଳିଯାଇଥିବା ଲବଣ କିପରି କାମ କରୁଛି । ପଲିଥିନ୍ କାର୍ବନ ଏବଂ ହାଇଡ୍ରୋଜେନ୍ ପରମାଣୁର ଲମ୍ବା ଶୃଙ୍ଖଳରେ ଗଠିତ । ତରଳିଯାଇଥିବା ଲବଣରେ ଥିବା ଆଲୁମିନିୟମ୍ ସ୍ଥାନଗୁଡ଼ିକ ଅତ୍ୟଧିକ ଏସିଡିକ୍ ହୋଇଯାଇ ପ୍ରତିକ୍ରିୟା ଆରମ୍ଭ କରି ଲମ୍ବା ଶୃଙ୍ଖଳଗୁଡ଼ିକୁ ଛୋଟ ହାଇଡ୍ରୋକାର୍ବନ ଅଣୁରେ ଭାଙ୍ଗି ଦେଇ ପେଟ୍ରୋଲ ଏବଂ ଡିଜେଲରେ ଥିବା ଯୌଗିକରେ ପରିଣତ କରିଥିଲା ।।

# ସାମସନଙ୍କ ଟି-୨୦ ଦଳରେ ସ୍ଥାନକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ୧୪।୯: ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ପୁଣି ବିଫଳ ହୋଇଛନ୍ତି ସଞ୍ଜୁ ସାମସନ। ରବିବାର ସେ ମାତ୍ର ୮ ବଲ୍‌ରୁ ୧୦ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ଭାରତୀୟ ଟି-୨୦ ଦଳରେ ତାଙ୍କ ସ୍ଥାନକୁ ନେଇ ପୁଣି ପ୍ରଶ୍ନ ଉଠିଛି। ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ପଛରେ ପକାଇ ସାମସନଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ମିଳିଥିଲା। କୋଚ୍ ଗୌତମ ଗମ୍ଭୀର ଏବଂ ଅଧିନାୟକ ଶ୍ରେୟସ ଆୟରଙ୍କ ସମର୍ଥନ ମଧ୍ୟ ତାଙ୍କ ପଛରେ ଥିଲା ବୋଲି କୁହାଯାଉଛି। କିନ୍ତୁ ସାମସନ ସୁଯୋଗର ସଦୁପଯୋଗ କରିପାରିନଥିଲେ। ଏହା ପରେ ଦଳରେ ତାଙ୍କ ସ୍ଥାନକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ କରିଛି। ଏହା ପୂର୍ବରୁ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ସାମସନଙ୍କୁ ବିଶ୍ରାମ ଦିଆଯାଇ ବୈଭବଙ୍କୁ ସାମିଲ କରାଯାଇଥିଲା।



ସଂଜୁଙ୍କୁ ସମାଲୋଚନା କରି ପୂର୍ବତନ ଭାରତୀୟ ବ୍ୟାଟର ସଞ୍ଜୟ ମଞ୍ଜରେକର କହିଛନ୍ତି ଯେ ସାମସନ ନିଜ ପାଇଁ ନିଜେ ସୁଯୋଗ ସୃଷ୍ଟି କରୁନାହାନ୍ତି। ସେ ବେଶ୍ ଅସ୍ଥିର। ସୋସିଆଲ ମିଡିଆରେ କିଛି ପ୍ରଶଂସକ ମଧ୍ୟ ତାଙ୍କୁ ଅବସର ନେବାକୁ କହିଛନ୍ତି। ସବୁବେଳେ ପୁଲ୍ ସଟ୍ ଖେଳି ଆଉଟ ହେଉଥିବାକୁ ନେଇ କେତେକ ପ୍ରଶଂସକ ସମାଲୋଚନା କରିଛନ୍ତି। ଏପରି ସ୍ଥିତିରେ ଏବେ ଆଗାମୀ ମ୍ୟାଚ୍‌ରେ ସାମସନଙ୍କ ପ୍ରଦର୍ଶନ ଉପରେ ନଜର ରହିବ।

# ୪ର୍ଥ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୪।୯: ଗତ ୩ ଦିନ ଧରି ଚାଲିଥିବା ରାଜ୍ୟ କ୍ଲବସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ରାଜ୍ୟ ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବ ଡ.ଭି.ସ୍ୱାମୀ ମୁଖ୍ୟ ଅତିଥି ଭାବେ, ମାରୱାଡ଼ି ସମାଜର ସଂପାଦକ ସଂଜୟ ଶର୍ମା ଏବଂ ବିଜୟ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପଦକ ଓ ଅର୍ଥରାଶି ପ୍ରଦାନ କରିଥିଲେ।

ଏହି ପ୍ରତିଯୋଗିତାରେ ଉପକନିଷ୍ଠ ବାଳକ ବିଭାଗରେ ଶ୍ରୀରାମ ଭୁକ୍ତା (ଅନୁଗୋଳ ଜିମ୍) , ବାଳକ ବିଭାଗରେ ଜ୍ଞାନଦୀକ୍ଷା ସାହୁ (ଫିଟନେସ ମନ୍ତ୍ର), କନିଷ୍ଠ ବାଳକରେ ଅସିତ କୁମାର ସିଂହ (ଉତ୍କଳ କରାଟେ ସ୍କୁଲ), ବାଳିକାରେ ପ୍ରତିଷ୍ଠା ସିଂହ ( କଳିଙ୍ଗ ଜିମ) ଶ୍ରେଷ୍ଠ ଶକ୍ତି ଉତ୍ତୋଳକ ଆଖ୍ୟା ଅର୍ଜନ କରିଥିଲେ। ସେହିପରି ବରିଷ୍ଠ ପୁରୁଷ ବିଭାଗରେ ମହେନ୍ଦ୍ର ରାଉତ (ଉତ୍କଳ କରାଟେ ସ୍କୁଲ) ଓ ମହିଳା ବିଭାଗରେ ପ୍ରତିଷ୍ଠା ସିଂହ ( କଳିଙ୍ଗ ଜିମ), ମାଷ୍ଟର୍ସ ପୁରୁଷରେ ଏନବି ପଟ୍ଟନାୟକ (ଫିଟନେସ ମନ୍ତ୍ର) ଓ ମହିଳାରେ ଶର୍ମିଷ୍ଠା ସେନାପତି (ଉତ୍କଳ କରାଟେ ସ୍କୁଲ) ଶ୍ରେଷ୍ଠ ଶକ୍ତି ଉତ୍ତୋଳକ ଆଖ୍ୟା ଅର୍ଜନ କରିଥିଲେ। ପୁରୁଷ ବର୍ଗରେ ସର୍ବାଧିକ ସ୍କ୍ୱାର୍ଟ ଅମ୍ରିତ ପ୍ରିତମ(୨୫୫ କେଜି), ସର୍ବାଧିକ ବେଞ୍ଚଫ୍ରେସ ମହେନ୍ଦ୍ର ରାଉତ( ୧୬୦ କେଜି), ସର୍ବାଧିକ ଡେଡଲିଫ୍ଟ ଅନୁରାଗ ପ୍ରଧାନ(୨୭୧ କେଜି) ହାସଲ କରିଥିଲେ। ମହିଳା ବର୍ଗରେ ସର୍ବାଧିକ ସ୍କାର୍ଟ ଆକାଂକ୍ଷା ପରିଡ଼ା (୨୦୨.୫ କେଜି), ସର୍ବାଧିକ ବେଞ୍ଚଫ୍ରେସ ପ୍ରତିଷ୍ଠା ସିଂହ( ୧୦୦ କେଜି), ସର୍ବାଧିକ ଡେଡଲିଫ୍ଟ ଦିବ୍ୟଲେଖା ମିଶ୍ର (୧୮୫ କେଜି) ହାସଲ କରିଥିଲେ।

# ବିସିସିଆଇର ଆଭିମୁଖ୍ୟକୁ ଦଳର ସମର୍ଥନ: ମଜୁମଦାର

ନୂଆଦିଲ୍ଲୀ,୧୪।୯: ଏସୀୟ କ୍ରିକେଟ ପରିଷଦ ଅଧ୍ୟକ୍ଷ ମୋହସିନ ନକଭୀଙ୍କଠାରୁ ଏସିଆ କପ୍ ଟ୍ରଫି ଗ୍ରହଣ ନକରିବା ନେଇ ବିସିସିଆଇର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ସମର୍ଥନ କରିଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଦଳର ମୁଖ୍ୟ ପ୍ରଶିକ୍ଷକ ଅମୋଲ ମଜୁମଦାର କହିଛନ୍ତି ଯେ, ଏସିଆ କପ୍ ଜିତିବା ହିଁ ଖେଳାଳିଙ୍କ ପାଇଁ ସବୁଠାରୁ ବଡ଼ ସଫଳତା ଏବଂ ଟ୍ରଫି ଗ୍ରହଣ କରିବା ନେଇ ଦଳର କୌଣସି ଅବଶୋଷ ନାହିଁ।

ରବିବାର ଅନୁଷ୍ଠିତ ଫାଇନାଲରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ପରାସ୍ତ କରି ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ରେକର୍ଡ ଅଷ୍ଟମ ଥର ପାଇଁ ଏସିଆ କପ୍ ଚାମ୍ପିୟନ ହୋଇଛି। ତେବେ ପୁରସ୍କାର ବିତରଣୀ ସମାରୋହରେ ନକଭୀଙ୍କଠାରୁ ଭାରତ ଟ୍ରଫି ଗ୍ରହଣ କରିନଥିଲା। ନକଭୀ ପାକିସ୍ତାନର ଗୃହମନ୍ତ୍ରୀ ହେବା ସହ ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ମ୍ୟାଚ୍ ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମଜୁମଦାର କହିଥିଲେ, "ଏହି ନିଷ୍ପତ୍ତି ବିସିସିଆଇ ନେଇଛି ଏବଂ ଆମେ ଏହା ସହିତ ଅଛୁ। ଆମ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଆମେ ଚାମ୍ପିୟନ ହୋଇଛୁ, ଏହା ହିଁ ଆମ ପାଇଁ ଯଥେଷ୍ଟ।" ସେ ଆହୁରି କହିଥିଲେ, "ପଡ଼ିଆର ବଡ଼ ପରଦାରେ ଭାରତକୁ ୨୦୨୬ ଏସିଆ କପ୍ ଚାମ୍ପିୟନ ଭାବେ ଦର୍ଶାଯାଇଥିଲା। ଆମ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଭାବେ ଶେଷ। ଆମେ ଚାମ୍ପିୟନ ହୋଇଥିବାରୁ ଖୁସି। ଏବେ ଆମର ନଜର ଏସୀୟ କ୍ରୀଡ଼ା ଉପରେ।"

୨୦୨୫ ପୁରୁଷ ଏସିଆ କପ୍‌ରେ ବି ଭାରତୀୟ ଦଳ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲା। ଏହାକୁ ନେଇ ସେତେବେଳେ ବଡ଼ ବିବାଦ ଦେଖାଦେଇଥିଲା ଓ ଏପର୍ଯ୍ୟନ୍ତ ଭାରତ ହାତକୁ ଟ୍ରଫି ଆସି ନାହିଁ।

# ତୀରନ୍ଦାଜି ବିଶ୍ୱକପ୍ : ଧୀରଜଙ୍କ ଐତିହାସିକ ସ୍ୱର୍ଣ୍ଣ

ସଲ୍‌ଟିଲୋ: ମେକ୍ସିକୋର ସଲ୍‌ଟିଲୋରେ ଅନୁଷ୍ଠିତ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ପୁରୁଷ ରିକର୍ଭ ବିଭାଗରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ଧୀରଜ ବୋମ୍ମାଦେବରା। ଏହା ସହ ତାଙ୍କର ଏସୀୟ କ୍ରୀଡ଼ା ପ୍ରସ୍ତୁତିକୁ ମଧ୍ୟ ବଡ଼ ଉତ୍ସାହ ମିଳିଛି। ଫାଇନାଲରେ ଧୀରଜ ଜାପାନର ବିଶ୍ୱ ଚାମ୍ପିୟନସିପ୍ ପଦକ ବିଜେତା ନାକାନିଶି ଜୁନ୍ୟାଙ୍କୁ ସୁଟ୍-ଅଫ୍‌ରେ ପରାସ୍ତ କରିଥିଲେ। ନିର୍ଦ୍ଧାରିତ ସମୟରେ ସ୍କର ୫-୫ରେ ବରାବର ରହିବା ପରେ ଶେଷ ଉଦ୍ୟମରେ ଧୀରଜ ୧୦ ପଏଣ୍ଟ ପାଇଥିବା ବେଳେ ନାକାନିଶି ୯ ପଏଣ୍ଟ ଅର୍ଜନ କରିଥିଲେ।

୨୫ ବର୍ଷୀୟ ଧୀରଜ ତୀରନ୍ଦାଜି ବିଶ୍ୱକପ୍ ଫାଇନାଲର ରିକର୍ଭ ବିଭାଗରେ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ପୁରୁଷ ତୀରନ୍ଦାଜ ହୋଇଛନ୍ତି। ଏଥିସହ ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜଙ୍କ ୧୬ ବର୍ଷର ପଦକ ଅପେକ୍ଷା ମଧ୍ୟ ଶେଷ ହୋଇଛି। ୨୦୧୦ରେ ଜୟନ୍ତ ତାଲୁକଦାର ଏଡିନବର୍ଗରେ କାଂସ୍ୟ ପଦକ ଜିତିବା ପରେ ଆଉ କୌଣସି ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜ ବିଶ୍ୱକପ୍ ଫାଇନାଲରେ ପଦକ ଜିତିନଥିଲେ।

# ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି: ଭାରତ ମାଟିରେ ଖେଳିବ ପାକିସ୍ତାନ

ଚଣ୍ଡିଗଡ଼,୧୩।୯ ଆସନ୍ତା ମାସରେ ପଞ୍ଜାବରେ ହେବାକୁ ଥିବା ଏଏଚଏଫ୍ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ପାକିସ୍ତାନ ଅଂଶଗ୍ରହଣ କରିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ବହୁପକ୍ଷୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ମାଟିରେ ଦୁଇ ଦେଶ ଖେଳିପାରିବେ ବୋଲି କେନ୍ଦ୍ର ସରକାରଙ୍କ ନୀତି ରହିଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜଲନ୍ଧର ଓ ମୋହାଲିରେ ଏହି ପ୍ରତିଯୋଗିତା ଖେଳାଯିବ। ନଭେମ୍ବର ୫ରେ ମୋହାଲିରେ ଫାଇନାଲ୍ ଖେଳାଯିବ। ଭାରତ, ପାକିସ୍ତାନ ସମେତ ଚୀନ୍, ଜାପାନ, ମାଲେସିଆ ଓ କୋରିଆ ଅଂଶଗ୍ରହଣ କରିବେ। ଓମାନ ଓ ବାଂଲାଦେଶକୁ ରିଜର୍ଭ ଦଳ ଭାବେ ରଖାଯାଇଛି। ଭାରତ ଏହି ପ୍ରତିଯୋଗିତାର ଡିଫେଣ୍ଡିଂ ଚାମ୍ପିଅନ୍ ଅଛି। ୨୦୨୩ (ଚେନ୍ନାଇ) ଓ ୨୦୨୪ ( ହୁଲୁନବୁଇର, ଚୀନ) ରେ ଭାରତ ଲଗାତାର ଦୁଇଥର ଏହି ଟାଇଟଲ ଜିତିଥିଲା। ତେବେ ୨୦୨୫ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ନଥିଲା।

# ନିଜଠୁ ୫୨ ବର୍ଷ ସାନଙ୍କୁ ବିବାହ କଲେ ଫୁଟବଲ୍ କିମ୍ବଦନ୍ତୀ

କୁଆଲାମପୁର,୧୩।୮: ମାଲେସିଆର ଫୁଟବଲ୍ କିମ୍ବଦନ୍ତୀ ଦାତୁକ୍ ଆବଦା ଆଲିଫ୍ ୭୨ ବର୍ଷ ବୟସରେ ବିବାହ କରି ଖବରରେ ଅଛନ୍ତି। ରିପୋର୍ଟ ଅନୁଯାୟୀ ସେ ଗତ ଅଗଷ୍ଟ ୨୭ ତାରିଖରେ ବିବାହ କରିଛନ୍ତି। ତାଙ୍କ ପତ୍ନୀଙ୍କ ବୟସ ପ୍ରାୟ ୨୦ ବର୍ଷ ବୋଲି କୁହାଯାଉଛି, ଯାହା ଉଭୟଙ୍କ ମଧ୍ୟରେ ୫୨ ବର୍ଷର ବୟସ ପାର୍ଥକ୍ୟ। ସୋସିଆଲ ମିଡିଆରେ ବିବାହ ଫଟୋ ପ୍ରକାଶ ପାଇବା ପରେ ଏହି ଘଟଣାଟି ଦୃଷ୍ଟି ଆକର୍ଷଣ କରିଛି।



ଆବଦା ଆଲିଫଙ୍କ ବିବାହକୁ ତାଙ୍କ ସାନ ଭାଇ ପୂର୍ବତନ ମାଲେସିଆନ୍ ଜାତୀୟ ଫୁଟବଲ୍ ଖେଳାଳି ଏବଂ ପ୍ରଶିକ୍ଷକ ଦାତୁକ୍ ୟୁନୁସ୍ ଆଲିଫ୍ ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ ବିବାହ ଉଭୟ ପରିବାରର ଅନୁମୋଦନରେ ହୋଇଛି। ସେ ତାଙ୍କ ଭାଇ ଏବଂ ତାଙ୍କ ପତ୍ନୀଙ୍କ ଖୁସି କାମନା ମଧ୍ୟ କରିଥିଲେ। ୟୁନୁସଙ୍କ ଅନୁଯାୟୀ ଆବଦା ବର୍ତ୍ତମାନ ତାଙ୍କ ପତ୍ନୀଙ୍କ ସହିତ ସମୟ ବିତାଉଛନ୍ତି।

୧୯୭୦ ଦଶକର ଶେଷ ଭାଗ ଏବଂ ୧୯୮୦ ଦଶକର ପ୍ରାରମ୍ଭରେ ଦଳର ପ୍ରଭାବଶାଳୀ ପ୍ରଦର୍ଶନ ସମୟରେ ଆବଦା ଆଲିଫ୍ ମାଲେସିଆନ୍ ଫୁଟବଲ୍‌ରେ ଜଣେ ପ୍ରମୁଖ ଖେଳାଳି ଥିଲେ। ସେ ଦକ୍ଷିଣ କୋରିଆକୁ ୨-୧ ଗୋଲରେ ପରାସ୍ତ କରି ୧୯୮୦ ମସ୍କୋ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ମାଲେସିଆର ଦଳର ଅଂଶ ଥିଲେ। ସୋଭିଏତ୍ ୟୁନିଅନ୍ ଆଫଗାନିସ୍ତାନ ଆକ୍ରମଣର ପ୍ରତିବାଦରେ ମାଲେସିଆ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିନଥିଲା।

# ହକି ଇଣ୍ଡିଆରେ ଅନ୍ତର୍ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ୧୪।୯: ଭାରତୀୟ ହକି ପ୍ରଶାସନରେ ବଡ଼ ଧରଣର ଅନ୍ତର୍ଦ୍ୱନ୍ଦ୍ୱ ସାମ୍ନାକୁ ଆସିଛି। ହକି ଇଣ୍ଡିଆର ମହାନିର୍ଦ୍ଦେଶକ କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କ ସମସ୍ତ କ୍ଷମତା ଓ ଦାୟିତ୍ୱ ତତ୍କାଳ ପ୍ରଭାବରୁ ପ୍ରତ୍ୟାହାର କରାଯାଇଛି। ଏଥିସହ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ କୁହାଯାଇଛି। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କ ପକ୍ଷରୁ ଜାରି ଆଇନଗତ ନୋଟିସ୍‌ରେ ଶ୍ରୀବାସ୍ତବଙ୍କ ବିରୋଧରେ ବାରମ୍ବାର ନିର୍ଦ୍ଦେଶ ଅବମାନନା, ଦାୟିତ୍ୱରେ ଅବହେଳା ଏବଂ ଅନୁମତି ବିନା ନିଷ୍ପତ୍ତି ନେବା ଭଳି ଅଭିଯୋଗ ରହିଛି।

ସବୁଠାରୁ ବଡ଼ ଅଭିଯୋଗ ମଧ୍ୟରେ ଅଛି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜାତୀୟ ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ। ସଭାପତି କିମ୍ବା ହକି ଇଣ୍ଡିଆର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଓ ଅନୁମୋଦନ ବିନା ଜର୍ସି ବଦଳାଇବା ନେଇ ଶ୍ରୀବାସ୍ତବଙ୍କ ଉପରେ ପ୍ରଶ୍ନ ଉଠାଯାଇଛି। ଏହି ନିଷ୍ପତ୍ତିକୁ ନୋଟିସ୍‌ରେ 'ଏକତରଫା' ନିଷ୍ପତ୍ତି ବୋଲି ଦର୍ଶାଯାଇଛି। ନିକଟରେ ଅନୁଷ୍ଠିତ ବିଶ୍ୱକପ୍ ସମୟରେ ଶ୍ରୀବାସ୍ତବଙ୍କ ଯାତ୍ରାକୁ ନେଇ ମଧ୍ୟ ବିବାଦ ଉପୁଜିଛି। ହକି ଇଣ୍ଡିଆ ଲିଗ୍ ସମ୍ପର୍କିତ କାର୍ଯ୍ୟ ଓ ଫ୍ରାଞ୍ଚାଇଜ୍ ସମନ୍ୱୟକୁ ପ୍ରାଥମିକତା ଦେଇ ବିଶ୍ୱକପ୍‌କୁ ନ ଯିବା ପାଇଁ ତିର୍କୀ ତାଙ୍କୁ ବାରମ୍ବାର ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସେ ବିଶ୍ୱକପ୍‌କୁ ଯାଇଥିବା ଅଭିଯୋଗ ହୋଇଛି। ସଭାପତି ଦିଲୀପ ତିର୍କି ଏହି ଯାତ୍ରା ପାଇଁ ସୁଭଦ୍ରା ପ୍ରଧାନ, ରାଣୀ ରାମପାଲ ଓ ସର୍ଦ୍ଦାର ସିଂହଙ୍କୁ ଚୟନକର୍ତ୍ତା ଓ କନିଷ୍ଠ ପ୍ରଶିକ୍ଷକ ଭାବେ ଯାତ୍ରା ପାଇଁ ଅନୁମତି ଦେଇଥିଲେ। କିନ୍ତୁ ଏ ସମ୍ପର୍କରେ ସେମାନଙ୍କୁ ଜଣାଯାଇ ନଥିବା ମଧ୍ୟ ନୋଟିସ୍‌ରେ ଉଲ୍ଲେଖ ରହିଛି।ଶ୍ରୀବାସ୍ତବଙ୍କ ବିରୋଧରେ ଆଉ କେତେକ ଗୁରୁତର ଅଭିଯୋଗ ମଧ୍ୟ ରହିଛି। ହକି ଇଣ୍ଡିଆର ଚୁକ୍ତିବଦ୍ଧ ପିଆର୍ ଏଜେନ୍ସି 'ୱାର୍ଡସର୍ଥ' ବିରୋଧରେ ନିଆଯିବାକୁ ଥିବା ଶୃଙ୍ଖଳାଗତ ପଦକ୍ଷେପ କାର୍ଯ୍ୟକାରୀ ନ କରିବା, ଗତ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ଖେଳାଳି ଓ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ନିଆଯାଇଥିବା ପଦକ୍ଷେପର ପ୍ରମାଣ ଦାଖଲ ନ କରିବା ଏବଂ ଆଭ୍ୟନ୍ତରୀଣ କମିଟିର ବୈଠକ ଓ ରିପୋର୍ଟ ରେକର୍ଡରେ ଉପଲବ୍ଧ ନ ଥିବା ଭଳି ଅଭିଯୋଗ ରହିଛି। ଏହାସହ ଏଫ୍‌ଆଇଏଚ୍, ଏଏଚ୍‌ଏଫ୍ ଏବଂ ବିଭିନ୍ନ ଜାତୀୟ ମହାସଂଘରୁ ଆସିଥିବା ଯୋଗାଯୋଗକୁ ଅଟକାଇ ରଖିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଏଣିକି ଶ୍ରୀବାସ୍ତବ କୌଣସି ପ୍ରଶାସନିକ, ଆର୍ଥିକ, ଚୁକ୍ତିଭିତ୍ତିକ, ଶୃଙ୍ଖଳାଗତ, ଯୋଗାଯୋଗ, ମିଡିଆ କିମ୍ବା ପ୍ରତିନିଧିତ୍ୱ ସମ୍ପର୍କିତ କ୍ଷମତା ବ୍ୟବହାର କରିପାରିବେ ନାହିଁ। ତାଙ୍କୁ ହକି ଇଣ୍ଡିଆର ସମସ୍ତ ଅଫିସିଆଲ୍ ରେକର୍ଡ, ଫାଇଲ୍, ଦସ୍ତାବିଜ, ପ୍ରବେଶ ଅଧିକାର, ସମ୍ପତ୍ତି ଓ ବକେୟା କାର୍ଯ୍ୟର ଦାୟିତ୍ୱ ତୁରନ୍ତ ହସ୍ତାନ୍ତର କରିବାକୁ କୁହାଯାଇଛି। ତେବେ ଏହି ନୋଟିସ୍‌କୁ ନେଇ ହକି ଇଣ୍ଡିଆ ମଧ୍ୟରେ ମତଭେଦ ସାମ୍ନାକୁ ଆସିଛି। ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂହ ଏହି ନୋଟିସ୍‌କୁ ଗୁରୁତ୍ୱ ଦେବାକୁ ମନା କରିଛନ୍ତି। ତାଙ୍କ ଦାବି ଅନୁଯାୟୀ, ହକି ଇଣ୍ଡିଆର କାର୍ଯ୍ୟନିର୍ବାହୀ ବୋର୍ଡର ଅନୁମୋଦନ ଏହି ନୋଟିସ୍ ପାଇଁ ନିଆଯାଇନାହିଁ। ଫଳରେ ସଭାପତି ଓ ସଂପାଦକଙ୍କ ମଧ୍ୟରେ ବି ମତଭେଦ ଥିବା ପଦାକୁ ଆସିଛି।

# ବର୍ମିଂହାମ୍ ଟେଷ୍ଟ: ପାକିସ୍ତାନକୁ ବଡ ଜରିମାନା

ଦୁବାଇ,୧୪।୯: ବର୍ମିଂହାମରେ ଶନିବାର ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଧିମା ଓଭର୍ ବୋଲିଂ ପାଇଁ ଭ୍ରମଣକାରୀ ପାକିସ୍ତାନକୁ ବଡ ଦଣ୍ଡ ମିଳିଛି। ଏହି ଦଳକୁ ସୋମବାର ଜରିମାନା ବାବଦରେ ମ୍ୟାଚ୍ ଫାଉଣାର ୫୦ ପ୍ରତିଶତ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ପଏଣ୍ଟ ଖାତାରୁ ୧୧ ପଏଣ୍ଟ କାଟି ଦିଆଯାଇଛି। ବାବର ଆଜମଙ୍କ ନେତୃତ୍ୱାଧୀନ ଏହି ଦଳ ନିର୍ଦ୍ଧାରିତ ସମୟରେ ୧୧ ଓଭର୍ କମ୍ ପକାଇଥିଲା। ଆଇସିସିର ଖେଳାଳି ଓ ଖେଳାଳିଙ୍କ ସହ ସଂପୃକ୍ତ ଅଧିକାରୀମାନଙ୍କ ପାଇଥିବା ଆଚରଣବିଧିର ଧାରା ୨.୨୨ ଅନୁଯାୟୀ ଏହି ଦଣ୍ଡ ଦିଆଯାଇଛି। ଏହି ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଦଳ ପକ୍ଷରୁ କମିଥିବା ପ୍ରତି ଓଭର୍ ପିଛା ଖେଳାଳିଙ୍କ ମ୍ୟାଚ୍ ଫାଉଣାର ୫ ପ୍ରତିଶତ କିମ୍ବା ସର୍ବାଧିକ ୫୦ ପ୍ରତିଶତ କଟାଯିବ।



ଏହା ସହ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଖେଳ ନିୟମର ଧାରା ୧୬.୧୧.୨ ଅନୁଯାୟୀ ଗୋଟିଏ ଦଳ ନିର୍ଦ୍ଧାରିତ ସମୟରେ ପ୍ରତି କମ୍ ଓଭର ପାଇଁ ଗୋଟିଏ ପଏଣ୍ଟ କଟାଯିବ। ସେହି ଅନୁଯାୟୀ ପାକିସ୍ତାନ ୧୧ ଓଭର କମ୍ ପକାଇଥିବାରୁ ୧୧ ଡବ୍ଲୁଟିସି ପଏଣ୍ଟ କଟାଯାଇଛି। ଫଳରେ ସଂପ୍ରତି ପାକିସ୍ତାନ ୪.୭୩ ପଏଣ୍ଟ ପ୍ରତିଶତ ସହ ୯ ଦଳୀୟ ଟେବୁଲର ଶେଷ ସ୍ଥାନରେ ରହିଛି ବୋଲି ଆଇସିସି ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପଡିଆ ଅମ୍ପାୟାର ପଲ ରିଫେଲ, କ୍ରିସ୍ ଗାଫାନି, ତୃତୀୟ ଅମ୍ପାୟାର ଆଲ୍ଲାହୁଦ୍ଦିନ ପାଲେକର ଓ ଚତୁର୍ଥ ଅମ୍ପାୟାର ରସେଲ ୱାରେନଙ୍କ ଉପସ୍ଥିତିରେ ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେ ଏହି ଦଣ୍ଡ ଶୁଣାଇଛନ୍ତି। ତୃତୀୟ ଟେଷ୍ଟକୁ ୮ ୱିକେଟ୍ ହାରିଥିବା ପାକିସ୍ତାନ ଶୃଙ୍ଖଳା ୦-୩ରେ ମୂଳପୋଛ ହୋଇଥିଲା। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଏହି ଦଳ ପାଳି ଓ ୧୦୩ ରନ୍ ଏବଂ ଲର୍ଡ୍ସ ଟେଷ୍ଟରେ ୧୯୪ ରନ୍‌ରେ ହାରିଥିଲା।

# ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ସ୍କୋରର

ନୂଆଦିଲ୍ଲୀ,୧୪/୦୯; ମହିଳା ଏସିଆ କପ୍ କ୍ରିକେଟରେ ଭାରତ ଅଷ୍ଟମ ଥର ଚାମ୍ପିଅନ୍ ହୋଇଛି । ଫାଇନାଲ୍‌ରେ ଆଜି ଦଳ ୭୨ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ୍ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା । ଭାରତ ପ୍ରଥମେ ବ୍ୟାଟିଂ ୫ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ୧୧୧ ରନ୍ କରି ଅଲଆଉଟ୍ ହୋଇଥିଲା । ବଡ଼ ଟୁର୍ଣ୍ଣାମେଣ୍ଟ ବଡ଼ ମଞ୍ଚରେ ସ୍କୋର କରିବା ବହୁତ ବଡ଼ କଥା । ଏହି ଟ୍ରଫି ଟକ୍କରରେ ସ୍ମୃତି ମନ୍ଧନା ଓ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ । ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ ଓପନିଂ ଯୋଡ଼ି । ମନ୍ଧନା ଅର୍ଦ୍ଧଶତକୀୟ ପାଳି ସହିତ ସେ ଏକ କୀର୍ତ୍ତିମାନ ରେକର୍ଡ କରିଛନ୍ତି । ସେ ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି । ମନ୍ଧନାଙ୍କର ଏହା ୩୬ ତମ ଟି-ଟ୍ୱେଣ୍ଟି ଅର୍ଦ୍ଧଶତକ ଥିଲା । ଶ୍ରୀଲଙ୍କା ବିପକ୍ଷ ଏସିଆ କପ୍ ଫାଇନାଲ୍‌ରେ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧନା ଏକ ରେକର୍ଡ ନିଜ ନାମରେ ଲେଖାଇଛନ୍ତି । ଏହି ମ୍ୟାଚ୍‌ରେ ସେ ୫୯ରନ୍ ସଂଗ୍ରହ କରିବା ସହ ମହିଳା ଟି-ଟ୍ୱେଣ୍ଟିରେ ସର୍ବାଧିକ ରନ୍ ରେକର୍ଡ ସ୍ଥାପନ କରିଛନ୍ତି । ମନ୍ଧନା ୧୭୬ଟି ମ୍ୟାଚ୍ ଖେଳି ୪,୮୧୦ (୨ ଶତକ, ୩୭ ଅର୍ଦ୍ଧଶତକ) ରନ୍ ସଂଗ୍ରହ କରି ସାରିଲେଣି । ଏଥିସହ ସେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସଙ୍କ ନାମରେ ଥିବା ପୂର୍ବ ରେକର୍ଡ ଭାଙ୍ଗି କରିଛନ୍ତି । ବେଟ୍ସ ୧୭୮ଟି ମ୍ୟାଚ୍ ଖେଳି ୪,୭୫୮ରନ୍ ସଂଗ୍ରହ କରିଛନ୍ତି । ସେହିପରି ଭାରତୀୟ ଦଳର ଅଧିନାୟିକା ହର୍ମନପ୍ରୀତ କୌର ୨୦୭ଟି ମ୍ୟାଚ୍ ଖେଳି ୪,୨୮୭ ରନ୍ ସହ ତୃତୀୟ ଏବଂ ଶ୍ରୀଲଙ୍କା ଦଳର ଅଧିନାୟିକା ଚାମରି ଆଟାପଟୁ ୧୭୦ଟି ମ୍ୟାଚ୍ ଖେଳି ୪,୧୩୬ରନ୍ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି । ମହିଳା ଏସିଆ କପ୍‌ର ସବୁଠୁ ସଫଳ ଦଳ ହେଉଛି ଭାରତ । ଦଳ ସର୍ବାଧିକ ୭ ଥର (୨୦୦୪, ୨୦୦୫-୦୬, ୨୦୦୬, ୨୦୦୮, ୨୦୧୨, ୨୦୧୬, ୨୦୨୨) ଚାମ୍ପିଅନ୍ ହୋଇଛି । ଏସିଆ କପ୍‌ରେ ପ୍ରଥମ ୪ଟି ସଂସ୍କରଣ ଦିନିକିଆ ଫର୍ମାଟରେ ଖେଳାଯାଇଥିଲା । ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ । ଦୁଇ ଓପନର ଶେଫାଳି ଓ ମନ୍ଧନା ଆକ୍ରମଣାତ୍ମକ ବ୍ୟାଟିଂ କରି ଶ୍ରୀଲଙ୍କା ବୋଲରଙ୍କ ଲୟ ବିଗାଡି ଦେଇଥିଲେ । ଶେଫାଳି ମାତ୍ର ୨୪ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ ।


# କିକ୍ ବକ୍ସିଂରେ ଶାନ୍ତିପ୍ରିୟାଙ୍କୁ ବ୍ରୋଞ୍ଜ

ରାହାମା,୧୪।୯: ଜାତୀୟ ବରିଷ୍ଠ କିକ ବକ୍ସିଂ ପ୍ରତିଯୋଗିତା ମଧ୍ୟପ୍ରଦେଶ ସ୍ଥିତ ଇଣ୍ଡୋର ଠାରେ ଅନୁଷ୍ଠିତ ହୋଇଯାଇଅଛି। ୱାକୋ କିକ ବକ୍ସିଂ ଫେଡ଼ରେସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୮ ରୁ ୧୨ପର୍ଯ୍ୟନ୍ତ ଚାଲିଥିଲା। ଏହି ପ୍ରତିଯୋଗିତା ରେ ଦେଶ ର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶରୁ ୯୦୦ରୁ ଉର୍ଦ୍ଧ ଖେଳାଳି ଭାଗ ନେଇ ଥିଲେ। ଓଡିଶା ର ଖେଳାଳି ମାନେ ୱାକୋ ରାଜ୍ୟ ସଭାପତି କାର୍ତିକ ଡାକୁଆ, ସକ୍ରେଟାରୀ ବିଚିତ୍ର ନାରାୟଣ ଜେନା ଏବଂ ଜାତୀୟ କୋଚ ଅମର ଜୋତି ରାଉତଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ପାଇଁ ଗ୍ରସ୍ତ କରିଥିଲେ। ଓଡିଶା ତରଫ ରୁ ପ୍ରତିନିଧିତ୍ୱ କରୁଥିବା ଶାନ୍ତିପ୍ରିୟା ସାମଲ ୫୦କିଗ୍ରା ବର୍ଗ ଫାଇଟରେ ବ୍ରୋଞ୍ଜ ମେଡାଲ ହାସଲ କରି ନିଜ ରାଜ୍ୟ ପାଇଁ ଗର୍ବ ଗୌରବ ଆଣିଛନ୍ତି। ଆଗାମୀ ଦିନ ରେ ସେ ଏସିଆନ ଏବଂ ଅନ୍ତର୍ଜାତୀୟ ସ୍ତର ରେ ଭାଗ ନେବା ପାଇଁ ପ୍ରସ୍ତୁତି



ଚଳାଇଛନ୍ତି। ସେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପଥୁରିଆ ଗ୍ରାମ ର ଅନ୍ତର୍ଯ୍ୟାମୀ ସାମଲ ଏବଂ ଶର୍ମିଷ୍ଠା ସାମଲ ଙ୍କ ପୁତ୍ରୀ ଅଟନ୍ତି। ଶାନ୍ତିପ୍ରିୟା ଙ୍କ ଏହି ସଫଳତା ପାଇଁ ମାନ୍ୟବର ଶିକ୍ଷ ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଗପାଳ ଗ୍ରାମର ସରପଞ୍ଚ ଶ୍ରୀ ବିପିନ କୁମାର ବିଶ୍ୱାଳ ଶୁଭେଚ୍ଛା ଜଣାଇଛନ୍ତି।ଜଗତସିଂହପୁର ଜିଲ୍ଲା କିକ ବକ୍ସିଂ ଉପସଭାପତି ଗଗନ ବିହାରୀ ରାଉତ ଏବଂ ଆଇନ ପରାମର୍ଶ ଦାତା ସଂଜୟ କୁମାର ବେହେରା ଖେଳାଳି ମାନଂକୁ ସମସ୍ତ ସହଯୋଗ କରିଥିଲେ।

# ୟୁଏସ୍ ଓପନ୍ ଜିତିଲେ ଭେରଭ୍



ନ୍ୟୁୟର୍କ: ଶୀର୍ଷ ମାନ୍ୟତାପ୍ରାପ୍ତ ଜର୍ମାନୀର ଆଲେକ୍‌ଜାଣ୍ଡାର ଭେରଭ୍ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ଜିତିଛନ୍ତି। ରବିବାର ଫାଇନାଲରେ ସେ ଆମେରିକାର ଅଷ୍ଟମ ସିଡ୍ ବେନ୍ ସେଲ୍ଟନଙ୍କୁ ୬-୩, ୭-୬(୨), ୫-୭, ୬-୨ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛନ୍ତି। ଏହା ଭେରଭ୍‌ଙ୍କ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍।

୬ ବର୍ଷ ପୂର୍ବ ୨୦୨୦ ୟୁଏସ୍ ଓପନ୍ ଫାଇନାଲରେ ଡୋମିନିକ୍ ଥିଏମ୍‌ଙ୍କ ବିପକ୍ଷରେ ଦୁଇ ସେଟ୍‌ରେ ଆଗୁଆ ରହି ମଧ୍ୟ ସେ ଟାଇଟଲ୍ ହାତଛଡ଼ା କରିଥିଲେ। ଏଥର କିନ୍ତୁ ସେହି ତିକ୍ତ ସ୍ମୃତିକୁ ପଛରେ ପକାଇ ଦମଦାର ପ୍ରଦର୍ଶନ କରିଛନ୍ତି। ଫାଇନାଲରେ ଭେରଭ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ପ୍ରଥମ ସେଟ୍‌ରେ ସେଲ୍ଟନଙ୍କ ଡବଲ୍ ଫଲ୍ଟର ଫାଇଦା ଉଠାଇ ସେ ସହଜରେ ସେଟ୍ ଜିତିଥିଲେ। ଦ୍ୱିତୀୟ ସେଟ୍‌ର ଟାଇବ୍ରେକରେ ମଧ୍ୟ ଭେରଭ୍ ବିଜୟୀ ହୋଇଥିଲେ। ତୃତୀୟ ସେଟ୍‌ରେ ସେଲ୍ଟନ୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ୭-୫ରେ ସେଟ୍ ଜିତିଥିଲେ। ତେବେ ଚତୁର୍ଥ ସେଟ୍‌ରେ ଭେରଭ୍ ପୁଣି ନିୟନ୍ତ୍ରଣକୁ ଫେରି ୬-୨ରେ ସେଟ୍ ଜିତି ଟ୍ରଫି ହାତେଇଥିଲେ।ଏହି ପରାଜୟ ସହ ଆମେରିକାର ପୁରୁଷ ଖେଳାଳିଙ୍କ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଅପେକ୍ଷା ଆହୁରି ଲମ୍ବା ହୋଇଛି। ଘରୋଇ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ସେଲ୍ଟନ୍ ନିଜର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲକୁ ଟାଇଟଲରେ ପରିଣତ କରିପାରିନଥିଲେ। ଆଲେକ୍‌ଜାଣ୍ଡାର ଭେରଭ ୟୁଏସ୍ ଓପନ୍ ଟ୍ରଫିକୁ ନିଜ ମା' ଇରିନା ଜେରେଭାଙ୍କୁ ଉତ୍ସର୍ଗ କରିଛନ୍ତି। ରବିବାର ବେନ୍ ଶେଲ୍ଟନଙ୍କୁ ଫାଇନାଲରେ ପରାସ୍ତ କରି ପ୍ରଥମ ଥର ପାଇଁ ୟୁଏସ୍ ଓପନ୍ ଟ୍ରଫି ହାତେଇବା ପରେ ଏହି ଜର୍ମାନ ତାରକା ଭାବବିହ୍ୱଳ ହୋଇଯାଇଥିଲେ। ନ୍ୟୁୟର୍କର ଆର୍ଥର ଏସ୍ ଷ୍ଟାଡିୟମ୍‌ରେ ବିଜୟ ଭାଷଣ ଦେବା ସମୟରେ ଭେରଭ୍ କହିଥିଲେ ଯେ, ତାଙ୍କ ଟେନିସ୍ ଜୀବନରେ ତାଙ୍କ ମାଆ ହେଉଛନ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି। ଛୋଟବେଳୁ ଅସୁସ୍ଥତା ସତ୍ତ୍ୱେ ଟେନିସ୍ ପ୍ରତି ତାଙ୍କ ସ୍ୱପ୍ନକୁ ସାକାର କରିବାରେ ମା'ଙ୍କ ଅବଦାନକୁ ସେ ସ୍ମରଣ କରିଥିଲେ। ଭେରଭ୍ ମାତ୍ର ୪ ବର୍ଷ ବୟସରେ ଡାଇବେଟିସ୍‌ରେ ଆକ୍ରାନ୍ତ ହୋଇଥିଲେ। ଡାକ୍ତର କହିଥିଲେ ଯେ ଏହି ପିଲାର କ୍ରୀଡ଼ା ଜୀବନ ସଂକ୍ଷିପ୍ତ ହେବ। ଏହି କଠିନ ସମୟରେ ତାଙ୍କ ମାଆ ତାଙ୍କୁ ନିରନ୍ତର ସମର୍ଥନ ଦେଇଥିଲେ। ରୋଗକୁ ନିଜ ସ୍ୱପ୍ନରେ ବାଧା ହେବାକୁ ନଦେଇ ତାଙ୍କୁ ଆଗକୁ ବଢ଼ିବା ପାଇଁ ସେ ପ୍ରେରଣା ଦେଇଥିଲେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,